ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK  ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.24 . No.161 Bhubaneswar Tuesday, August 10, 2021 | ୨୪ତମ ବର୍ଷ ସଂଖ୍ୟା-୧୬୧ ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୧୦, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS



ଉପରାଷ୍ଟ୍ରପତି ଏମ ଭେଙ୍କୟା ନାଇଡୁ ନୂଆଦିଲ୍ଲୀର 'ତ୍ୱରାନ୍ୱିତ ଭାରତ : ମୋଦୀ ସରକାରଙ୍କ ସାତ ବର୍ଷ' ଶୀର୍ଷକ ପୁସ୍ତକ ରିଲିଜ୍ କରିବା କାର୍ଯ୍ୟକ୍ରମରେ

## ୧୬ଟି ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର

ଭୁବନେଶ୍ୱର, ୯।୮(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ସଂଧ୍ୟାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆୟୋଜିତ ରାଜ୍ୟ କ୍ୟାବିନେଟରେ ୧୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ସୁରେଶ କୁମାର ମହାପାତ୍ର କହିଛନ୍ତି ଯେ, ୮୯ଟି ବହୁମୁଖୀ ଇନଡୋର ଷ୍ଟାଡ଼ିୟମ ନିର୍ମାଣକୁ ରାଜ୍ୟ କ୍ୟାବିନେଟ୍ ମଂଜୁର କରିଛି। ଏହା ବ୍ୟତୀତ ଓଏଫଏସ କ୍ୟାଡର ପୁନର୍ଗଠନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ରାଜ୍ୟର ଆର୍ଥିକ ପ୍ରଶାସନ ଓ ଉତରଦାୟିତ୍ୱ ଅଧିକ ସୁଦୃଢ଼ ହେବ। ଏହି ପୁନର୍ଗଠନ ପରେ ଓଏଫଏସ କ୍ୟାଡ଼ର ପଦବୀ ସଂଖ୍ୟା ୯୧୨ରୁ ୧୦୧୬କୁ ବୃଦ୍ଧି ପାଇବ। ଓଏଫଏସ ଜୁନିୟର ଗ୍ରେଡରେ ୫୮୧ଟି ପଦବୀ, ଓଏଫଏସ(ଏସଏଜି)ରେ ୭୦ଟି ଓ ଓଏଫଏସ (ଏସଏସ)ରେ ୩୧ଟି ପଦବୀ ରହିବ।

ସେହିପରି ଓଡ଼ିଶା ଅଗ୍ନିଶମ ସେବା 'ସି) ବର୍ଗ ଅଧିକାରୀମାନଙ୍କ ନିଯୁକ୍ତି ଓ ଚାକିରି ସର୍ତାବଳୀ-୨୦୨୧ରେ ସଂଶୋଧନକୁ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି। ସେହିପରି କ୍ୟାବିନେଟ ବୈଠକରେ ଓଡ଼ିଶା ଲୋକସେବା ଆୟୋଗ ସଦସ୍ୟ ଭାବେ ଅଞ୍ଜନ କୁମାର ମାଣିକଙ୍କ ନିଯୁକ୍ତିକୁ ପିଛିଲା ଭାବେ ଅନୁମୋଦନ, ଓଡ଼ିଶା ପ୍ରାଇଭେଟ୍ ସିକ୍ୟୁରିଟି ଏଜେନ୍ସୀ ରୁଲ-୨୦୨୧, ଓଡ଼ିଶା ଫୁଡ୍ ସେଫ୍ଟି ଲ୍ୟାବ କ୍ୟାଡ଼ର(ନିଯୁକ୍ତି ଓ ସେବା ସର୍ତାବଳୀ) ରୁଲ-୨୦୨୧, ଓଡ଼ିଶା ଜେଲ ସର୍ଭିସ(ଏ ଓ ବି ଗ୍ରେଡ୍) ମେଥଡ୍ ରୁଲ, ଓଡ଼ିଶା ଫାୟାର ସର୍ଭିସ (ଏ ଓ ବି ଗ୍ରେଡ୍ ) ମେଥଡ୍ ରୁଲ-୨୦୨୧କୁ ପ୍ରଣୟନକୁ ଅନୁମୋଦନ ସମେତ ଓଡ଼ିଶା ଜିଏସଟି ଆଇନରେ ସଂଶୋଧନ ଓ ଓଡ଼ିଶା ଲେବର ସର୍ଭିସ ରୁଲ୍ ସଂଶୋଧନକୁ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ ଉପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପର ଦକ୍ଷିଣ ପାର୍ଶ୍ୱ କେନାଲର ପୁନରୁଦ୍ଧାର ଓ ପୁନଃପ୍ରତିଷ୍ଠା (୦କିମିରୁ ୪୧.୧୦ କିମି ପର୍ଯ୍ୟନ୍ତ) କରାଯିବାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏଥିପାଇଁ ୧୪୮ କୋଟି ୧୨ ଲକ୍ଷ ୬୫ ହଜାର ୮୯୪ ଟଙ୍କା ବ୍ୟୟ ହେବାକୁ ଥିବା ବେଳେ ୨୪ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବ। ଏହି ପ୍ରକଳ୍ପ ଦ୍ୱାରା କଳାହାଣ୍ଡି ଜିଲ୍ଲାର ୪୨୪୫୫ ହେକ୍ଟର ଚାଷ ଜମିକୁ ଜଳସେଚନ ହୋଇପାରିବ। ଓଡିଶା ଅର୍ଥସେବା (ଓଏଫଏସ୍)କ୍ୟାଡର୍ ପୁନର୍ଗଠନ ପାଇଁ ଆସିଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏହାଦ୍ୱାରା ଓଡିଶା ଅର୍ଥ ସେବା କ୍ୟାଡର ପଦବୀ ସଂଖ୍ୟା ୯୧୨ରୁ ୧୦୧୬କୁ ବୃଦ୍ଧି ପାଇଛି। ପୂର୍ବତନ ନିର୍ବନ୍ଧନ ମହାନିରୀକ୍ଷକ (ଆଇଜି ରେଜିଷ୍ଟ୍ରେସନ୍) ଅଞ୍ଜନ କୁମାର ମାଣିକଙ୍କୁ ଓଡିଶା ଲୋକସେବା ଆୟୋଗର ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତି ରାଜ୍ୟ କ୍ୟାବିନେଟର ଅନୁମୋଦନ ଲାଭ କରିଛି। ରାଜ୍ୟର କାରାଗାର ଗୁଡିକରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ ଖାଲିଥିବା ତୃତୀୟ ଶ୍ରେଣୀକୁ ପଦୋନ୍ନତି ଦିଆଯିବ। ଏସମ୍ପର୍କିତ ଓଡିଶା କାରାଗାର କିମ୍ବା ସୁଧାର ଅମଲା ସେବା (କନିଷ୍ଠ କିରାଣୀ ତଥା ଟାଇପିଷ୍ଟ , କନିଷ୍ଠ ହିସାବ ରକ୍ଷକ ଏବଂ ବରିଷ୍ଠ କିରାଣୀ ତଥା ହିସାବ ରକ୍ଷକ ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତ) ନିୟମାବଳୀ ୨୦୨୧ କୁ ରାଜ୍ୟ କ୍ୟାବିନେଟ୍ ମଂଜୁର କରିଛି। ଓଡିଶା ଘରୋଇ ସୁରକ୍ଷା ଏଜେନ୍ସି ନିୟମାବଳୀ ୨୦୦୯କୁ ସଂଶୋଧନ କରାଯାଇଛି। ନୂଆ ନିୟମ ଅନୁଯାୟୀ ଅନଲାଇନ୍ ଓ ଅଫଲାଇନ୍ ମାଧ୍ୟମରେ ଲାଇସେନ୍ସ ପାଇଁ ଆବେଦନ ପତ୍ର ଦାଖଲ , ଅନଲାଇନ୍ ମାଧ୍ୟମରେ ଲାଇସେନ୍ସ ଦେୟ ଗ୍ରହଣ ଏବଂ ଇଲେକ୍ଟ୍ରୋନିକ୍ ଡାଟାବେସ୍ ବ୍ୟବହାର କରାଯାଇ ଆବେଦନକାରୀଙ୍କଚରିତ୍ର ଓ ପୂର୍ବ କାର୍ଯ୍ୟକଳାପର ସତ୍ୟାପନ ନିମନ୍ତେ ସହାୟକ ହେବ। ଓଡିଶା ଖାଦ୍ୟ ପରୀକ୍ଷଣ ବିଜ୍ଞାନାଗାରା (ନିଯୁକ୍ତି ପଦ୍ଧତି ଓ ସେବାର ସର୍ତାବଳୀ)ନିୟମ ୨୦୨୧ କୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଭୁବନେଶ୍ୱରସ୍ଥିତ ଖାଦ୍ୟ ପରୀକ୍ଷଣ ବିଜ୍ଞାନାଗାରାରେ କନଷ୍ଠ ବିଜ୍ଞାନାଗାରା ସହାୟକ ୪ଟି, ବରିଷ୍ଠ ବିଜ୍ଞାନାଗାରା ସହାୟକ ୧ଟି, ସହାୟକ ବିଶ୍ଳେଷଣାତ୍ମକ ରସାୟନବିତ୍ ୪ଟି, ସହାୟକ ମାଇକ୍ରୋବାୟୋଲୋଜିଷ୍ଟ ୩ଟି , ମାଇକ୍ରୋବାୟୋଲୋଜିଷ୍ଟ ୨ଟି ,ଉପ ଖାଦ୍ୟ ବିଶ୍ଳେଷକ ୧ଟି , ଯୁଗ୍ମ ନିର୍ଦ୍ଦେଶକ ତଥା ମୁଖ୍ୟ ଖାଦ୍ୟ ବିଶ୍ଳେଷକ ୧ଟି ପଦବୀ ସୃଷ୍ଟି କରାଯାଇଛି। ଓଡିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ଓ ଓପିଏସସି ଏହି ନିଯୁକ୍ତି ପରିଚାଳନା କରିବେ। ଓଡିଶାଦ୍ରବ୍ୟ ଓ ସେବା କର ଅଧିନିୟମ ୨୦୧୭ ସଂଶୋଧନ ପ୍ରସ୍ତାବ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏହାଦ୍ୱାରା ନିଜର ସଦସ୍ୟମାନଙ୍କୁ ନଗଦ ବଦଳରେ ଦ୍ରବ୍ୟ ବା ସେବାର କାରବାର କରୁଥିଲେ ସମ୍ପୃକ୍ତ ବ୍ୟକ୍ତି ବା ଅନୁଷ୍ଠାନ ଉପରେ ଟିକସ ଲାଗୁ ହେବ। ପଂଜିକୃତ ବ୍ୟକ୍ତମାନଙ୍କର ଗୋଟିଏ ଆର୍ଥିକ ବର୍ଷ ମଧ୍ୟରେ କାରବାର ଏକ ନିର୍ଦ୍ଦିଷ୍ଟ ସୀମାରୁ ଅଧିକ ହେଲେ ହିସାବ ଅଡିକ କରାଇ ଦସ୍ତାବିଜ୍ ଦାଖଲ କରିବାକୁ ପଡିବ ନାହିଁ। ପଂଜିକୃତ ବ୍ୟକ୍ତିମାନେ ସ୍ୱ ପ୍ରମାଣିକୃତ ବ୍ୟବସ୍ଥା ଜରିଆରେ ବାର୍ଷିକ ରିଟର୍ଣ୍ଣ ଦାଖଲ କରିବେ।

## ବଦଳିଲେ ଭଦ୍ରକ, ଢେଙ୍କାନାଳ ଜିଲ୍ଲାପାଳ

ଭୁବନେଶ୍ୱର, ୯।୮(ପି.ଏନ): ବରିଷ୍ଠ ପ୍ରଶାସନିକ ସ୍ତରରେ ସୋମବାର ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଭଦ୍ରକ ଜିଲ୍ଲାପାଳ ଜ୍ଞାନରଞ୍ଜନ ଦାସଙ୍କୁ ପଂଚାୟତିରାଜ ବିଭାଗର ନିର୍ଦ୍ଦେଶକଭାବେ ନିଯୁକ୍ତି ଦିଆଯାଇଛି। ପଂଚାୟତିରାଜ ବିଭାଗର ନିର୍ଦ୍ଦେଶକ ଥିବା ଆଇଏଏସ୍ ଅଧିକାରୀ ଉମାକାନ୍ତ ତ୍ରିପାଠୀଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି।ସେହିପରି ଢେଙ୍କାନାଳ ଜିଲ୍ଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କୁ ଆୟୁଷ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ସେହିପରି ଓଡ଼ିଶା ମଦ ନିଗମର ପରିଚାଳନା ନିର୍ଦ୍ଦେଶକ ତଥା ବରିଷ୍ଠ ଓଏଏସ୍ ସରୋଜ କୁମାର ସେଠୀଙ୍କୁ ଭୂମେଶଙ୍କ ସ୍ଥାନରେ ଢେଙ୍କାନାଳ ଜିଲ୍ଲାପାଳ ଏବଂ ଆୟୁଷ ନିର୍ଦ୍ଦେଶକ ତଥା ବରିଷ୍ଠ ଓଏଏସ୍ ତ୍ରିଲୋଚନ ମାଝୀଙ୍କୁ ଜ୍ଞାନ ରଂଜନ ଦାସଙ୍କ ସ୍ଥାନରେ ଭଦ୍ରକ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି।

### ୨୦ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର, ୯।୮(ପି.ଏନ): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୨୦ଟି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର,ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ଅନୁଗୁଳ, ଢ଼େଙ୍କାନାଳ ଓ ବୌଦ୍ଧ ଆଦି ରହିଛି। ଏହି ଜିଲ୍ଲାଗୁଡ଼ିରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହଥିବାରୁ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଅଗଷ୍ଟ ୧୦ରୁ ୧୧ ତାରିଖ ମଧ୍ୟରେ ନବରଙ୍ଗପୁର, ନୂଆପଡ଼ା, କୋରାପୁଟ, ମାଲକାନଗିରି, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଓ ବାଲେଶ୍ୱର ଆଦି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ଥିବା ହେତୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଗୋଟିଏ ଦିନରେ ୮୮୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୯।୮(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୮୮୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୮୭୯୫୬ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୬୯୯୧୬ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ସଂଖ୍ୟା ୧୧୪୮୬ ରହିଛି । ଆଜି ଚିହ୍ନଟ ହୋଇଥିବା ୮୮୬ ଜଣଙ୍କ ମଧ୍ୟରୁ ୫୧୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୭୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୫୩ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୩୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୬୨ ଜଣ, ବରଗଡ଼ରୁ ୮ ଜଣ, ଭଦ୍ରକରୁ ୩୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବୌଦ୍ଧ ଜିଲ୍ଲାରୁ ୨, କଟକରୁ ୮୧, ଦେବଗଡ ଜିଲ୍ଲାରୁ ୨ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୧ ଜଣ, ଗଜପତି ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଞ୍ଜାମରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୫୪ ଜଣ, ଯାଜପୁରରୁ ୬୦ ଜଣ, ଝାରସୁଗୁଡ଼ାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡିରୁ ୧୧ ଜଣ, କନ୍ଧମାଳ ଜିଲ୍ଲାରୁ ୫ ଜଣ. କେନ୍ଦ୍ରାପଡ଼ାରୁ ୩୩ ଜଣ, କେନ୍ଦୁଝରରୁ ୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୨୫୩ ଜଣ, କୋରାପୁଟରୁ ୭, ମାଲକାନଗିରି ଜିଲ୍ଲାରୁ ୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୨୫ ଜଣ, ନବରଙ୍ଗପୁରରୁ ୪, ନୟାଗଡ଼ରୁ ୨୫ ଜଣ ଚିହ୍ନଟ ହୋଇଥିବା ବେଳେ ନୂଆପଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀରୁ ୫୩ ଜଣ, ରାୟଗଡ଼ାରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୫ ଜଣ, ସୋନପୁରରୁ ୨ ଜଣ, ସୁନ୍ଦରଗଡ଼ରୁ ୧୨ଜଣ ଓ ଷ୍ଟେଟ୍ ପୁଲରୁ ୫୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## କ୍ୟାବିନେଟ୍ ନିଷ୍ପତି : ୧୮ ମାସରେ ନିର୍ମାଣ ହେବ ୮୯ଟି ବହୁମୁଖୀ ଇନଡୋର ଷ୍ଟାଡ଼ିୟମ

ଭୁବନେଶ୍ୱର, ୯।୮(ପି.ଏନ): ରାଜ୍ୟର ବିଭିନ୍ନ ଜିଲ୍ଲାରେ ୮୯ଟି ବହୁମୁଖୀ ଇନଡୋର ଷ୍ଟାଡ଼ିୟମ ନିର୍ମାଣ କରାଯିବ। ରାଜ୍ୟ କ୍ୟାବିନେଟ ଏହି ପ୍ରସ୍ତାବକୁ ଅନୁମୋଦନ କରିଥିବା ଜଣାପଡ଼ିଛି।ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ ମୋଡରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୮୯ଟି ବହୁମୁଖୀ ଇନଡୋର ଷ୍ଟାଡ଼ିୟମ ନିର୍ମାଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ଇନଡୋର ଷ୍ଟାଡ଼ିୟମକୁ କ୍ରୀଡ଼ା, ବିପର୍ଯ୍ୟୟ ଆଶ୍ରୟସ୍ଥଳ ଓ ଚିକିତ୍ସାଳୟ ଉପଯୋଗୀ କରାଯିବ। ଏଥିପାଇଁ ୬୯୩.୩୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ଓ ୧୮ମାସ ମଧ୍ୟରେ ଏହା ସମ୍ପୂର୍ଣ୍ଣ କରାଯିବ। ରାଜ୍ୟରେ କ୍ରୀଡ଼ା ବିକାଶ କ୍ଷେତ୍ରରେ ଏହା ଏକ ବଳିଷ୍ଠ ପଦକ୍ଷକ୍ଷପ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।ରାଜ୍ୟ କ୍ରୀଡ଼ା ଭିତିଭୂମି ବିକାଶ ପ୍ରକଳ୍ପ' ଅଧୀନରେ ଏହି ୮୯ଟି ବହୁମୁଖୀ ଇନଡୋର ଷ୍ଟାଡ଼ିୟମ ନିର୍ମାଣ କରାଯିବ। ଯେଉଁ ଜିଲ୍ଲାରେ ଏଭଳି ଇନଡୋର ଷ୍ଟାଡ଼ିୟମ ନାହିଁ ସେଠାରେ ଏହା ନିର୍ମାଣ କରାଯିବ। ଏହି ଷ୍ଟାଡ଼ିୟମଗୁଡ଼ିକର କୋଠା ନିର୍ମାଣ ଏଭଳି ହେବ , ଯାହାକି ଘଂଟାପ୍ରତି ୨୦୦କିମି ବେଗରେ ପବନକୁ ସହ୍ୟ କରିପାରୁଥିବ। ଏହାକୁ ମହାବାତ୍ୟା ଓ ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରାଯିବ। ମହାମାରୀ ସମୟରେ ଏନଏସି ଅଂଚଳରେ ଥିବା ଷ୍ଟାଡ଼ିୟମଗୁଡ଼ିକରେ ୫୦ ବେଡ୍ ବିଶିଷ୍ଟ ମେଡିକାଲ ଓ ପୌରାଂଚଳରେ ୧୦୦ଗୋଟି ବେଡ୍ ବିଶିଷ୍ଟ ମେଡିକାଲ ଭାବେ ବିକଶିତ କରିବାର ଭିତିଭୂମି ମଧ୍ୟ ରହିବ। ଏସବୁ ବ୍ୟତୀତ ତାଲିମ କାର୍ଯ୍ୟକ୍ରମ, ସଭା, ପରୀକ୍ଷା କେନ୍ଦ୍ର ଆଦି କାର୍ଯ୍ୟ ପାଇଁ ମଧ ଏହି ଷ୍ଟାଡ଼ିୟମ ନିର୍ମାଣ ଅତ୍ୟନ୍ତ ଉପଯୋଗୀ ହୋଇପାରିବ ତଥା ଏହା ଦ୍ୱାରା ଓଡ଼ିଶାରେ କ୍ରୀଡ଼ା ବିକାଶର ଧାରା ଅଧିକ ସୁଦୃଢ଼ ହେବ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ଶପଥ ନେଲେ ୪୭ ଜଣ ଶିକ୍ଷାନବୀଶ ସିଭିଲ୍ ଜଜ୍

ଭୁବନେଶ୍ୱର, ୯।୮(ପି.ଏନ): ଓଡ଼ିଶା ନ୍ୟାୟିକ ଏକାଡେମୀସ୍ଥିତ ୨୦୧୯ ବ୍ୟାଚ୍ ର ନବନିଯୁକ୍ତ ୪୭ ଜଣ ଶିକ୍ଷାନବୀଶ ଦେଓ୍ୱାନୀ ନ୍ୟାୟାଧୀଶ (ସିଭିଲ ଜଜ୍)ମାନଙ୍କ ଶପଥ ଗ୍ରହଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି ।ଏହି ଉତ୍ସବରେ ଓଡ଼ିଶା ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ତଥା ଓଡ଼ିଶା ନ୍ୟାୟିକ ଏକାଡେମୀର ମୁଖ୍ୟ ପୃଷ୍ଠପୋଷକ ନ୍ୟାୟମୂର୍ତି ଡକ୍ଟର ଏସ୍. ମୁରଲୀଧର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ୪୭ ଜଣ ନବନିଯୁକ୍ତ ଶିକ୍ଷାନବୀଶ ଦେଓ୍ୱାନୀ ନ୍ୟାୟାଧୀଶମାନଙ୍କୁ ଶପଥ ପାଠ କରାଇଥିଲେ ଏବଂ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ମୁଖ୍ୟ ବିଚାରପତି, ଓଡ଼ିଶା ନ୍ୟାୟିକ ଏକାଡେମୀ ସମିତିର ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କ ଦ୍ୱାରା 'ପ୍ରଶିକ୍ଷଣ ପାଠ୍ୟ ପୁସ୍ତିକା' ଉନ୍ମୋଚନ କରାଯାଇଥିଲା ।ଏହି ଉତ୍ସବରେ ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି ତଥା ଓଡ଼ିଶା ନ୍ୟାୟିକ ଏକାଡେମୀ ତାଲିମ ସମିତିର ଅଧ୍ୟକ୍ଷ ନ୍ୟାୟମୂର୍ତି ସଂଜୟ କୁମାର ମିଶ୍ର ସ୍ୱାଗତ ସମ୍ଭାଷଣ ପାଠ କରିବା ସହିତ ପ୍ରଶିକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ ଏବଂ ନବନିଯୁକ୍ତ ଶିକ୍ଷାନବୀଶ ଦେଓ୍ୱାନୀ ନ୍ୟାୟାଧୀଶମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ବିଶ୍ୱଜିତ ମହାନ୍ତି, ବି. ଆର. ଷଡ଼ଙ୍ଗୀ, ଏସ୍.କେ. ସାହୁ, ବି.ପି. ରାୟତରାଏ, ସଂଜୀବ କୁମାର ପାଣିଗ୍ରାହୀ ଏବଂ ଅଧିକାରୀଗଣ ଏବଂ ଅନ୍ୟ ଅତିଥିଗଣ ଉପସ୍ଥିତ ଥିଲେ।

## ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି କଡ଼ରୁ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ହଟାଯାଉ : ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୯।୮(ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ଆହ୍ୱାନକ୍ରମେ ସୋମବାର ପ୍ରଦେଶ ଛାତ୍ର କଂଗ୍ରେସ କର୍ମକର୍ତାମାନେ ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ସଦରମହକୁମାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତି କଡ଼ରେ ସ୍ଥାପିତ କରାଯାଇଥିବା ପୂର୍ବତନ ବିଧାୟକ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତିକୁ ହଟାଇବା ଦାବିରେ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଏହାସହ ଛାତ୍ର କଂଗ୍ରେସ ପକ୍ଷରୁ ଏକ ସ୍ମାରକପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ବିନ୍ଧାଣି। ଅତୁଳନୀୟ ସମାଜସେବୀ ତଥା ଓଡ଼ିଶାର ଘରେ ଘରେ ପୂଜିତ ଏବଂ ପ୍ରତି ଓଡ଼ିଆର ହୃଦୟରେ ସ୍ଥାନିତ ଅସାଧାରଣ ଜନନାୟକ। ବିଷ୍ଣୁ ଦାସଙ୍କ ପ୍ରତିମୂର୍ତିକୁ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତି ପାଖରେ ରଖାଯାଇ ଗୋପବନ୍ଧୁଙ୍କ ଅସମ୍ମାନିତ କରାଯାଇଛି। ଏହା ଓଡ଼ିଆ ଜାତିର ଭାବାବେଗକୁ ଆଘାତ କରିଛି। ଛାତ୍ର କଂଗ୍ରେସ ପକ୍ଷରୁ ରଘୁନାଥପୁର ଠାରେ ବିକ୍ଷୋଭ କରାଯାଇଛି। କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମାତ୍ର କେହି ଏ କଥାକୁ କର୍ଣ୍ଣପାତ କରୁନାହାନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିପରି ଗୋପବନ୍ଧୁଙ୍କ ପ୍ରତି ହେଉଥିବା ଅସମ୍ମାନକୁ ସହ୍ୟ କରୁଛନ୍ତି ବୋଲି ଛାତ୍ର କଂଗ୍ରେସ ପ୍ରଶ୍ନ କରିଛି। ଛାତ୍ର କଂଗ୍ରେସ ପକ୍ଷରୁ ମନ୍ତ୍ରୀଙ୍କ ପାଖରେ ଦାବି ଉପସ୍ଥାପନା କରାଯାଇଛି ଯେ ସେ ତୁରନ୍ତ ହସ୍ତକ୍ଷେପ କରନ୍ତୁ ଏବଂ ସେଠାରୁ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତିକୁ ସ୍ଥାନାନ୍ତର କରାଯାଉ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada








ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

## ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତାକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ଚିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦ୍ରୁତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ଓ୍ୱେସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖାଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉଙ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବାନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ପର୍ଯ୍ୟବେକ୍ଷକ ମହାନଗର

# କରୋନାର କରୁଣ ଚିତ୍ର...



ସାରା ବିଶ୍ୱରେ ଏବେ ଦେଖାଦେଇଛି ମହାମାରୀ କରୋନାର ଦ୍ୱିତୀୟ ଲହର। କରୋନାର ପ୍ରଥମ ଲହରଠାରୁ ଏହା ବେଶି ଭୟଙ୍କର। ୨୦୨୦ ମସିହା ଫେବୃୟାରୀରୁ ଦେଖାଦେଇଥିବା ମହାମାରୀ କରୋନା କ୍ରମାଗତ ଭାବେ ଗୋଟିଏ ବର୍ଷ ଭୟର ବାତାବରଣ ସୃଷ୍ଟି କରିଥିଲା। ବହୁ ଲୋକଙ୍କ ଜୀବନ ହାନୀ ଘଟିବା ସହ ଲୋକମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡ଼ିଥିଲା। ଭାଙ୍ଗି ପଡ଼ିଥିବା ଆର୍ଥିକ ମେରୁଦଣ୍ଡକୁ ସଜାଡ଼ିବାକୁ ପ୍ରସ୍ତୁତ ହେଉଥିବା ବେଳେ କରୋନାର ଦ୍ୱିତୀୟ ଲହର ପ୍ରବେଶ କରିବା ଯୋଗୁଁ ସାରା ବିଶ୍ୱ ପାଇଁ ଘାତକ ସାଜିଛି। ସଂକ୍ରମିତଙ୍କ ସଂଖ୍ୟା ଭୟଙ୍କର ଭାବରେ ବୃଦ୍ଧି ପାଉଛି। କେବଳ ସଂକ୍ରମିତ ବଢୁନି, ଜୀବନ ମଧ୍ୟ ନେଉଛି ଯାହା ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି। କରୋନାର କରୁଣ ଚିତ୍ରକୁ ଅନୁଧ୍ୟାନ କଲେ ମହାରାଷ୍ଟ୍ର, ଗୁଜୁରାଟ, ପଞ୍ଜାବ, କର୍ଣ୍ଣାଟକ, ତାମିଲନାଡୁ ଓ କେରଳରେ ସଂକ୍ରମଣ ସ୍ଥିତି ଜଟିଳ ହେବାରେ ଲାଗିଛି। କାରଣ କରୋନାର ପ୍ରଥମ ଲହରରେ ରେକର୍ଡ ସଂଖ୍ୟକ ସଂକ୍ରମିତ ସଂଖ୍ୟା ଛୁଇଁବାକୁ ଦୀର୍ଘ ୮ ମାସ ଲାଗିଥିବା ବେଳେ ଦ୍ୱିତୀୟ ଲହରରେ ଏହି ସଂଖ୍ୟା ଅତିକ୍ରମ କରିବାକୁ ମାତ୍ର ୩ ମାସ ଲାଗିଥିଲା। ୨୦୨୦ ଫେବୃୟାରୀରୁ ଦେଖା ଦେଇଥିବା କରୋନାର ରେକର୍ଡ ସଂଖ୍ୟକ ସଂଖ୍ୟା ସେପ୍ଟେମ୍ବର ୧୫ ତାରିଖ ଦିନ ସର୍ବାଧିକ ୯୭ ହଜାର ୫୭୦ ଜଣ ସଂକ୍ରମିତ ଚିହ୍ନଟ



ହୋଇଥିଲେ। ମାତ୍ର ବାୟୁରୁ ବ୍ୟାପୁଥିବା କରୋନାର ଦିଦ୍ୱୀୟ ଲହରରେ ମାତ୍ର ୩ ମାସ ମଧ୍ୟରେ ୨୦୨୧ ଏପ୍ରିଲ ୨୪ ତାରିଖ ଦିନ ସର୍ବାଧିକ ୩ ଲକ୍ଷ ୪୯ ହଜାର ୬୯୧ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୨୭୬୭ ଜଣଙ୍କ ମୃତ୍ୟୁ ଘଟିବା ଦେଶ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ଦୈନିକ କରୋନା ସଂକ୍ରମଣରେ ଭାରତର ଏହା ଏକ ଅଲୋଡ଼ା କୀର୍ତ୍ତି। ନୂଆ ସଂକ୍ରମଣ ସହିତ ସାରା ବିଶ୍ୱରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୪ କୋଟି ୭୦ ଲକ୍ଷ ୪୧ ହଜାର ୫୯୨କୁ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁ ସଂଖ୍ୟା ୩୧ ଲକ୍ଷ ୧୨ ହଜାର ୩୧୫ରେ ପହଞ୍ଚିଛି। ସେହିପରି ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧ କୋଟି ୬୯ ଲକ୍ଷ ୬୦ ହଜାର ୧୭୨କୁ ବୃଦ୍ଧି ପାଇଥିବା ବେଳେ, ମୃତ୍ୟୁ ସଂଖ୍ୟା୧ ଲକ୍ଷ ୯୨ ହଜାର ୩୧୧କୁ ବୃଦ୍ଧି ପାଇଛି ଓ ୧ କୋଟି ୪୦ ଲକ୍ଷ ୮୫ ହଜାର ୧୧୦ଜଣ ସୁସ୍ଥ ହୋଇଛନ୍ତି। ୨୬ ଲକ୍ଷ ୮୨ ହଜାର ୭୫୧ ରୋଗୀ ସକ୍ରିୟ ଅଛନ୍ତି। ଏକ ସର୍ଭେରୁ ଜଣାପଡ଼ିଛି ମହାମାରୀ କରୋନା ମୋଟ ୨୧୯ଟି ଦେଶକୁ ଗ୍ରାସ କରିସାରିଛି।

କାରୋନାର ପ୍ରଥମ ପର୍ଯ୍ୟାୟରେ ଲୋକମାନଙ୍କୁ ମାସ୍କ, ସାନିଟାଇଜର, ସାବୁନ ଏବଂ ରନ୍ଧାଖାଦ୍ୟ ଯୋଗାଇ ଦେଇ ସଚେତନ କରୁଥିବା କରୋନା ଯୋଦ୍ଧାମାନେ ଦ୍ୱିତୀୟ ଲହରରେ ଦୃତ ସଂକ୍ରମଣ ଯୋଗୁ ଘରୁ ଗୋଡ଼ କାଢୁନାହାଁନ୍ତି। କାରଣ ପ୍ରଥମ ପର୍ଯ୍ୟାରେ ଯେଉଁ ହାରରେ କରୋନା ଯୋଦ୍ଧା ଓ ସ୍ୱେଚ୍ଛାସେବୀ ସଂଗଠନ ଲୋକମାନଙ୍କୁ ସଚେତନ କରାଉଥିଲେ, ଦ୍ୱିତୀୟ ଲହରରେ ସେମାନଙ୍କ ସଂଖ୍ୟା ବହୁ ପରିମାଣରେ କମିଯାଇଛି। କରୋନାରୁ ରକ୍ଷା ପାଇବା ପାଇଁ ୪୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଟୀକା ଦିଆଚାଲିଛି। ବର୍ତ୍ତମାନ ସୁଦ୍ଧା ୧୨ କୋଟି ୭୧ ଲକ୍ଷ, ୨୯ ହଜାର ୧୧୩ ଜଣରୁ ଉର୍ଦ୍ଧ୍ୱ ଲୋକ ଟୀକା ନେଇସାରିଲେଣି। ସରକାରଙ୍କ ତରଫରୁ ମେ ମାସ ୧ ତାରିଖରୁ ୧୮ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ଟୀକା ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ତଥାପି ଏହା କରୋନା ଉପରେ କୌଣସି ପ୍ରଭାବ ପକାଇବାର ପରିଲକ୍ଷିତ ହୋଇନାହିଁ। କରୋନା ଏକ ଏଭଳି ରୋଗ ଯାହା ଆଜି ପର୍ଯ୍ୟନ୍ତ ବୈଜ୍ଞାନିକ ଏହି ରୋଗ ବିଷୟରେ ସଠିକ୍ ତଥ୍ୟ ଦେଇପାରି ନାହାଁନ୍ତି କି ଏହାର ନିରାକରଣ ପାଇଁ ଏପର୍ଯ୍ୟନ୍ତ ପ୍ରତିଷେଧକ ଔଷଧ ତିଆରି ହୋଇପାରି ନାହିଁ। ଯେଉଁଥି ପାଇଁ କରୋନା ଯୋଦ୍ଧାମାନେ ଲୋକଙ୍କ ନିକଟରେ ପହଞ୍ଚି ସଚେତନ କରିବାକୁ ଆଉ ସାହସ କରୁନାହାଁନ୍ତି।

ଅନ୍ୟ ରାଜ୍ୟ ତୁଳନାରେ ଯଦିଓ ଓଡ଼ିଶାରେ କରୋନା ସଂକ୍ରମଣ ନିୟନ୍ତ୍ରଣରେ ଥିଲା, ତେବେ ସାମାଜିକ ଦୂରତ୍ୱକୁ ନ ମାନିବା, ମାସ୍କ ନ ପିନ୍ଧିବା ଫଳରେ ଏବେ କରୋନାର ଦ୍ୱିତୀୟ ଲହର ଓଡ଼ିଶାବାସୀଙ୍କ ପାଇଁ ଘାତକ ସାଜିଛି। ମୁଖ୍ୟମନ୍ତ୍ରୀଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ସାଧାରଣ ଜନତା ସଚେତନ ହେଉନାହାଁନ୍ତି। ସରକାରଙ୍କ ସମସ୍ତ କଟକଣା ସତ୍ତ୍ୱେ କୋଭିଡ଼ ଆଇନର ଖୋଲାଖୋଲି ଉଲଂଘନ କରାଯାଉଛି। ମୁଖ୍ୟମନ୍ତ୍ରୀ ମାକ୍ସ ପିନ୍ଧିବା ବାଧ୍ୟତାମୂଳକ ବୋଲି ନିବେଦନ କରୁଥିଲେ ମଧ୍ୟ ସାଧାରଣ ଲୋକେ ବିନା ମାସ୍କରେ ବଜାର, ହାଟ ଓ ଛକମାନଙ୍କରେ ବୁଲିବା, ଯୁବକ ଯୁବତୀମାନେ ମାଳ ମାଳ ହୋଇ ହୋଟେଲ, ରେଷ୍ଟୁରାଣ୍ଟ ଓ ଥଣ୍ଡାପାନୀୟ ଦୋକାନରେ ଭିଡ଼ ଜମାଉଥିବାର ପରିଲକ୍ଷିତ ହେଉଛି। ଅମାନିଆଙ୍କୁ ସାବାଡ଼ କରିବାକୁ ଯାଇ ମାସ୍କ ପିନ୍ଧି ନଥିବା ବ୍ୟକ୍ତିଙ୍କ ଠାରୁ ୨ ହଜାର ଟଙ୍କା ଜୋରିମାନା ଘୋଷଣା କରିଥିଲେ ମଧ୍ୟ ପରିସ୍ଥିତିରେ ସୁଧାର ଆସିପାରିନାହିଁ। ଦିନକୁ ଦିନ ରେକର୍ଡ଼ ସଂଖ୍ୟକ କରୋନା ସଂକ୍ରମିତ ଚିହ୍ନଟ ହେବାରେ ଲାଗିଛି। ଏପ୍ରିଲ ୨୨ ତାରିଖ ଦିନ ରାଜ୍ୟରେ ସର୍ବାଧିକ ୬ ହଜାର ୨୧୫ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯୫୦ଜଣ ଚିହ୍ନଟ ହେବା ରାଜ୍ୟବାସୀଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ଏହାରି ମଧ୍ୟରେ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪ ଲକ୍ଷ ୭ ହଜାର ୪୫୭କୁ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁ ସଂଖ୍ୟା୧୯୮୮କୁ ବୃଦ୍ଧି ପାଇଛି। ୩ ଲକ୍ଷ ୫୯ ହଜାର ୪୬୭ ଜଣ ସୁସ୍ଥ ହୋଇଛନ୍ତି ଏବଂ ୪୫ ହଜାର ୯୪୯ ଜଣ ଚିକିତ୍ସିତ ହେଉଛନ୍ତି।

ରାଜ୍ୟରେ ଦୈନିକ ସଂକ୍ରମଣ ସହିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କଟକଣାକୁ ଆହୁରି କଡ଼ାକଡ଼ି କରିଛନ୍ତି। ବିଶେଷକରି ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଆଦି ଜିଲ୍ଲାରେ ପୂର୍ବରୁ ସାନ୍ଧ୍ୟ ଆଇନ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଲାଗୁ ହୋଇଥିଲା ବେଳେ ଏହାକୁ ପରିବର୍ତ୍ତନ କରି ସନ୍ଧ୍ୟା ୬ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ବଳବତ୍ତର ରଖାଯାଇଛି। କଟକ ଭୁବନେଶ୍ୱରରେ ରାତି ୯ଟାରୁ ସକାଳ ୫ଟା ଯାଏ କର୍ଫ୍ୟୁ ଜାରି ହୋଇଛି। ଏହି ସମୟ ମଧ୍ୟରେ କେବଳ ଅତି ଜରୁରୀ ଆବଶ୍ୟକ ସାମଗ୍ରୀ ଏବଂ ଯୋଗାଣକାରୀଙ୍କ ବ୍ୟତୀତ ମିଡ଼ିଆ, ପେଟ୍ରୋଲ ଏବଂ ମେଡ଼ିକାଲ କର୍ମଚାରୀଙ୍କୁ ଯିବା ଆସିବା ପାଇଁ ଅନୁମତି ଦିଆଯାଇଛି। ଏଥିସହିତ ହୋମ ଡେଲିଭରୀ ଯୋଗାଉଥିବା ସଂସ୍ଥାକୁ ଅନୁମତି ମଧ୍ୟ ମିଳିଛି। ଛାତ୍ର ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ମାଟ୍ରିକ ପରୀକ୍ଷାକୁ ବାତିଲ କରିଦିଆଯାଇଥିବା ବେଳେ +୨ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏଥିସହିତ ଏପ୍ରିଲ ୧୯ ତାରିଖରୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ୫୦ ପ୍ରତିଶତ କର୍ମଚାରୀରେ ସରକାରୀ କାର୍ଯ୍ୟାଳୟ ଚାଲିବା ପାଇଁ ଘୋଷଣା କରିବା ସହିତ ଅନ୍ୟ ରାଜ୍ୟକୁ ବସ୍ ଚଳାଚଳ ବନ୍ଦ କରିଦିଆଯାଇଛି। କରୋନାକୁ ପ୍ରତିହତ କରିବା ପାଇଁ ୨୧ ଜଣ ଆଇଏଏସ୍ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି।

ହରିଦ୍ୱାରରେ ଚାଲିଥିବା କୁମ୍ଭମେଳାରେ ଦେଶବ୍ୟାପୀ ବିଭିନ୍ନ ରାଜ୍ୟରୁ ଶ୍ରଦ୍ଧାଳୁମାନେ ସ୍ନାନଯାତ୍ରାରେ ସାମିଲ୍ ହୋଇଥିବା ବେଳେ ଓଡ଼ିଶାରୁ ମଧ୍ୟ ବହୁ ଶ୍ରଦ୍ଧାଳୁ କୁମ୍ଭମେଳାରେ ଯୋଗ ଦେଇଥିଲେ। ଲକ୍ଷାଧିକ ସଂଖ୍ୟାରେ ସାଧୁ, ସନ୍ଥ ଓ ଶ୍ରଦ୍ଧାଳୁ ଯୋଗଦେବା ଫଳରେ ସେଠାରେ କରୋନା ସ୍ଥିତି ଅଣାୟତ ହୋଇପଡ଼ିଛି। ୫ ଦିନରେ ଦୁଇ ହଜାରରୁ ଅଧିକ କରୋନା ଆକ୍ରାନ୍ତ ଚିହ୍ନଟ ହେବା ମୁଣ୍ଡବ୍ୟଥାର କାରଣ ସାଜିଛି। ଏଥିରେ ଯୋଗ ଦେଇଥିବା ଶ୍ରଦ୍ଧାଳୁମାନେ ଯେତେବେଳେ ନିଜ ରାଜ୍ୟକୁ ଫେରିବେ, ସେତେବେଳେ ପରିସ୍ଥିତି ଅଧିକ ସଙ୍ଗୀନ ହେବ ବୋଲି ଅନୁମାନ କରାଯାଉଛି। ତେବେ କରୋନା ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି କୁମ୍ଭମେଳାକୁ ବନ୍ଦ କରିଦିଆଯାଇଛି। କୁମ୍ଭମେଳାରେ ଅଂଶଗ୍ରହଣ କରି ରାଜ୍ୟକୁ ଫେରିବାକୁ ଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ୧୪ ଦିନ ସଙ୍ଗରୋଧ ବାଧ୍ୟତାମୂଳକ କରାଯାଇଛି। କରୋନା ସଂକ୍ରମଣ ବୃଦ୍ଧି ପାଇଁ କ୍ଷୁଦ୍ର ସମାବେଶ ଦାୟୀ ବୋଲି ପ୍ରସିଦ୍ଧ ମେଡ଼ିକାଲ ଜର୍ଣ୍ଣାଲ 'ଦ ଲାନସେଟ' ରିପୋର୍ଟରୁ ପ୍ରକାଶ। ଏହି ରିପୋର୍ଟ ଅନୁସାରେ କରୋନା ମହାମାରୀ ଆଗାମୀ ଜୁନ୍ ମାସରେ ଅତି ଭୟଙ୍କର ହେବ। ଜୁନ୍ ସୁଦ୍ଧା କରୋନା ସଂକ୍ରମଣ ଶିଖର ଛୁଇଁବ ଓ ମୃତ୍ୟୁସଂଖ୍ୟା ମଧ୍ୟ ବୃଦ୍ଧି ପାଇବ। ଦୈନିକ ହାରାହାରି ୨୫୦୦ ଜଣ ମୃତ୍ୟୁବରଣ କରିବେ ବୋଲି ଆଶଙ୍କା ପ୍ରକାଶ ପାଇଛି। କରୋନା ନିୟନ୍ତ୍ରଣ ପାଇଁ ସମସ୍ତ ସଭା, ସମାବେଶରେ ରୋକ ଲାଗିବା ସହିତ ପ୍ରେକ୍ଷାଳୟମାନଙ୍କରେ ଜନସମାବେଶ ଉପରେ ସମ୍ପୂର୍ଣ୍ଣ ନିଷୋଧାଦେଶ ଜାରି ହେବା ଉଚିତ। ତେଣୁ ସମସ୍ତ ଧାର୍ମିକ, ରାଜନୈତିକ ଏବଂ ସାମାଜିକ ସମାବେଶକୁ ବନ୍ଦ କରାନଗଲେ ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି।

କରୋନାର ଦ୍ୱିତୀୟ ଲହରରେ ସଂକ୍ରମିତଙ୍କ ସଂଖ୍ୟା ଏତେମାତ୍ରାରେ ବୃଦ୍ଧି ପାଉଛି ଯେ, ହସ୍ପିଟାଲରେ ରୋଗୀଙ୍କ ପାଇଁ ଶଯ୍ୟା ଓ ଆଇସିୟୁର ଘୋର ଅଭାବ ଦେଖାଦେଇଛି। କରୋନାର ପ୍ରଥମ ଲହରରେ ହସ୍ପିଟାଲମାନଙ୍କରେ ଚିକିତ୍ସିତ ହେଉଥିବା ରୋଗୀ ଗୁରୁତର ହୋଇପଡ଼ିଲେ ସେମାନଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଉଥିଲା, ମାତ୍ର ଦ୍ୱିତୀୟ ହଲରରେ କରୋନା ସଂକ୍ରମିତ ହେବା ମାତ୍ରେ ରୋଗୀ ସଙ୍ଗେ ସଙ୍ଗେ ଗୁରୁତର ହୋଇପଡୁଛି ଫଳରେ ଆଇସିୟୁରେ ଭର୍ତ୍ତି କରିବା ପାଇଁ ସଙ୍କଟ ଦେଖାଦେଇଛି। ହସ୍ପିଟାଲର ଘୋର ଅଭାବ ଦେଖାଦେବାରୁ ବର୍ତ୍ତମାନ ସଂକ୍ରମିତ ରୋଗୀମାନଙ୍କୁ ନିଜ ଘରେ ରହି ଚିକିତ୍ସିତ ହେବାକୁ ପରାମର୍ଶ ଦିଆଯାଉଛି। ସେହିଭଳି ମୃତ୍ୟୁ ସଂଖ୍ୟା ମାତ୍ରାଧିକ ବୃଦ୍ଧି ଫଳରେ ଶବଦାହ କରିବା ପାଇଁ ଶ୍ମଶାନର ଅଭାବ ଦେଖାଦେଇଛି। ଅଧିକାଂଶ ରାଜ୍ୟରେ ଶବ ସଂସ୍କାର କରିବା ପାଇଁ ୮/୧୦ ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। କରୋନାର ଦ୍ୱିତୀୟ ଲହର କେତେ ଯେ ଭୟଙ୍କର ତାହା ସଂକ୍ରମିତ ଓ ମୃତ୍ୟୁ ସଂଖ୍ୟାରୁ ସ୍ପଷ୍ଟ ବାରି ହୋଇପଡୁଛି। ତେଣୁ ସାରା ବିଶ୍ୱରେ ଘାତକ ସାଜିଥିବା କରୋନାର ଦ୍ୱିତୀୟ ଲହରକୁ ପ୍ରତିହତ କରିବାକୁ ହେଲେ ମାସ୍କ ନିୟମିତ ପିନ୍ଧିବା, ସାନିଟାଇଜ ବ୍ୟବହାର କରିବା, ସାମାଜିକ ଦୂରତା ବଜାୟ ରଖିବା ସହ ସତର୍କ ଓ ସଚେତନ ନିହାତି ଅପରିହାର୍ଯ୍ୟ ହୋଇପଡ଼ିଛି। ନଚେତ୍ ଖୁବ୍ କମ୍ ଦିନ ମଧ୍ୟରେ ସମଗ୍ର ବିଶ୍ୱକୁ ଗ୍ରାସ କରିଦେବା ଭଳି କରୋନାର କରୁଣ ଚିତ୍ରକୁ ଏଡ଼ାଇ ଦେଇ ହେବନାହିଁ।

**ସୁବାସ କୁମାର ତାରଣିଆଁ, କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର, ମୋ: ୮୩୨୮୮୪୦୨୧୪**

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଡେମୋ ପାଇଖାନାରେ ଥଣ୍ଡାପାନୀୟ ବ୍ୟବସ୍ଥା

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଡେମୋ ପାଇଖାନା ଗୃହରେ ସର୍ବସାଧାରଣଙ୍କ ପାଇଁ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା ହୋଇଥିଲା । ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ସେ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ସେଠାରୁ ସଂପୃକ୍ତ ପ୍ରକଳ୍ପଟିକୁ ଉଠାଇ ନିଆଯାଇଥିବା ଦେଖାଯାଇଛି । ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ସେହି ଥଣ୍ଡା ପାନୀୟ ବ୍ୟବସ୍ଥାକୁ ନିକଟରେ ଥିବା ଏକ ଡ୍ରେନରୁ ପାଣି ପାଇପ ସଂଯୋଗ



କରାଯାଇଥିବା ଯୋଗୁଁ ସେଠାରୁ ପାଣି ପିଇ ଲୋକମାନେ ଭବିଷ୍ୟତରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଥିଲା । ତେଣୁ ସେହି ବ୍ୟବସ୍ଥାର ତୁରନ୍ତ ପରିବର୍ତ୍ତନ ସହ ସଂପୃକ୍ତ ପ୍ରକଳ୍ପଟିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବାକୁ ଦାବି ହୋଇଥିଲା । ତେଣୁ ଜିଲ୍ଲା ପ୍ରଶାସନ ଶେଷରେ ପ୍ରକଳ୍ପଟିକୁ ସେଠାରୁ ଉଠାଇ ନେଇଥିବା ବେଳେ ଖୁବଶୀଘ୍ର ଅନ୍ୟତ୍ର ସ୍ଥାପନା କରାଯିବ ବୋଲି ସୂଚନା ମିଳିଛି ।

## ଉତ୍କଳଗୌରବ ମଧୁବାବୁଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର (ପିଏନ୍): ଓଡିଶା ପ୍ରଦେଶ ଗଠନର ମୁଖ୍ୟ କର୍ଣ୍ଣଧାର, ଉତ୍କଳ ସମ୍ମିଳନୀର ପ୍ରାଣପ୍ରତିଷ୍ଠାତା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ମଧୁବାବୁ କେବଳ ଉତ୍କଳ ଗୌରବ ନୁହଁନ୍ତି ସେ ହେଉଛନ୍ତି ଭାରତଗୌରବ ବୋଲି କହିବା ସହିତ ତାଙ୍କ ପ୍ରତିମୂର୍ତ୍ତି ସଂସଦ ଭବନ ପରିସରରେ ପ୍ରତିଷ୍ଠା ପାଇଁ ଦାବି କରିଥିଲେ । ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୁଗ୍ମ-ସଂପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ବାସନ୍ତୀ ତ୍ରିପାଠୀ, ଗୋପୀମୋହନ ପଟ୍ଟନାୟକ, ଅକ୍ଷୟ କୁମାର ଜେଠୀ, ସମରଂଜନ ମହାନ୍ତି, ନିଳମଣୀ ମିଶ୍ର ଓ ସୁଦର୍ଶନ ପ୍ରଧାନ ପ୍ରମୁଖ କୋଭିଡ କଟକଣା ମାନି ଉପସ୍ଥିତ ରହିବା ସହିତ ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ ।

## ମନୋଜ ଦାସଙ୍କ ବିୟୋଗରେ ସିପିଆଇର ଶୋକ ପ୍ରକାଶ

ଭୁବନେଶ୍ୱର (ପିଏନ୍): ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖକ, ପଦ୍ମଭୂଷଣ ଡଃ ମନୋଜ ଦାସଙ୍କ ବିୟୋଗରେ ସିପିଆଇର ଓଡ଼ିଶା ରାଜ୍ୟ ପରିଷଦ ଗଭୀର ଶୋକ ପ୍ରକାଶ କରିଛି । ସେ ଥିଲେ ଛାତ୍ର ଜୀବନରେ ଆନ୍ତର୍ଜାତୀୟ ସ୍ତରରେ ଛାତ୍ରସଂଘକୁ ପ୍ରତିନିଧିତ୍ୱ କରିଥିବା ଛାତ୍ରନେତା ଏବଂ ପରବର୍ତ୍ତୀ ସମୟରେ ଓଡ଼ିଆ ଭାଷା ଓ ସାହିତ୍ୟର ସ୍ପର୍ଦ୍ଧିତ ସ୍ୱର। ତାଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ ଆକାଶରୁ ଏକ ଉଜ୍ଜ୍ୱଳ ନକ୍ଷତ୍ର ଅସ୍ତମିତ ହୋଇଗଲା ଏବଂ ଉତ୍କଳ ଜନନୀ ଜଣେ ବିଶିଷ୍ଟ ଚିନ୍ତାନାୟକ ଓ ମହାନ୍ ସାରସ୍ୱତ ସାଧକଙ୍କୁ ହରାଇଲା। ଓଡ଼ିଶା ପାଇଁ ଏହା ଏକ ଅପୂରଣୀୟ କ୍ଷତି।

## ତ୍ୟାଗ ଓ ସେବାର ପ୍ରତୀକ ଥିଲେ ଗୋପବନ୍ଧୁ ଚୌଧୁରୀ



ଜଗତସିଂହପୁର (ପିଏନ୍): ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଆଜି ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ୬୩ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଡାକବଙ୍ଗଳା ଛକସ୍ଥିତ ଗୋପବନ୍ଧୁ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ପରିଷଦ ପକ୍ଷରୁ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ପରିଷଦ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ପରିଷଦର ସଭାପତି ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଏଥିରେ ଅଧକ୍ଷତା କରି ସ୍ୱର୍ଗତଃ ଗୋପବନ୍ଧୁ ଚୌଧୁରୀ ତ୍ୟାଗ ଓ ସେବାର ପ୍ରତୀକ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଧରଣୀଧର ପ୍ରଧାନ ଆଲୋଚନାରେ ଅଂଶଗ୍ରହଣ କରି ଗୋପବନ୍ଧୁ ଚୌଧୁରୀଙ୍କ ଜୀବନାଦର୍ଶରେ ଉତ୍ତର ପିଢିର ଦାୟାଦମାନେ ଅନୁପ୍ରାଣିତ ହେବାକୁ ମତ ଦେଇଥିଲେ। ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବିଜୟ କୁମାର ଲେଙ୍କା, ଯୋଗଜନ୍ମା ଚାନ୍ଦ, ଛାତ୍ରୀ ସୋନାଲି ବେହେରା, ନିରୁପମା ରାଉତ, ସରୋଜିନୀ ସାମଲ, ଉପସ୍ଥିତ ଥିଲେ। ଶେଷରେ ଧନେଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ।

## ଧର୍ମପରାୟଣା ମହିଳାଙ୍କ ହୃଦ୍‌ଘାତରେ ପରଲୋକ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ପୌରପରିଷଦର ୪ନଂ ୱାର୍ଡ ନନ୍ଦିସାହିର ଜନୈକ ଧର୍ମପରାୟଣ ମହିଳାଙ୍କ ଗତ ୨୩ତାରିଖ ସନ୍ଧ୍ୟା ସମୟରେ ହୃଦଘାତରେ ପରଲୋକ ଘଟିଥିବା ଜଣାପଡିଛି । ନନ୍ଦିସାହିର ୰ଇଂ ସାରଙ୍ଗଧର ଲକ୍ଷ୍ମଣଙ୍କ ଧର୍ମପତ୍ନୀ ପ୍ରେମଲତା ଲକ୍ଷବନ୍ତ (୭୭)ନିଜ ବାସଭବନରେ ସ୍ୱାଭାବିକ ଭାବେ ପରିବାର ସଦସ୍ୟଙ୍କ ସହିତ ଜୀବନଯାପନ କରି ଆସୁଥିବା ବେଳେ ୨୩ତାରିଖ ସନ୍ଧ୍ୟା ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ଘଟଣାସ୍ଥଳରେ ତାଙ୍କର ହୃଦ୍‌ଘାତରେ ପରୋଲକ ହୋଇଯାଇଥିଲା । ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଧର୍ମପରାୟଣ ମହିଳା ଭାବେ ସାହିରେ ବେଶ୍ ପରିଚିତ ଥିବାବେଳେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପରମ ଭକ୍ତ ଥିଲେ । ତାଙ୍କର ପରଲୋକ ଖବର ଶୁଣି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ନନ୍ଦିସାହିର ଗୁରୁ ନିବାସ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁତ୍ର ବାପୁ, ବବି, ପୁତ୍ରବଧୂ , ଦୁଇଝିଅ ସୁପ୍ରିୟା ଓ ସୁପ୍ରିତ, ନାତିନାତୁଣୀ ଉପସ୍ଥିତ ରହିଥିବା ବେଳେ ଶନିବାର ଦିନ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ପୂଣ୍ୟତୋୟା ବୈତରଣୀ ନଦୀକୂଳରେ ସତ୍କାର କରାଯାଇଥିଲା । ତାଙ୍କର ସାନପୁଅ ବବି ମୁଖାଗ୍ନି ଦେଇଥିଲେ ।

## କୋଳିମାଟିରେ ମନରେଗା ଯୋଜନା ବାଟବଣା



ଆନନ୍ଦପୁର (ପିଏନ୍): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକର ଆଦିବାସୀ ଅଂଚଳରେ ସରକାରଙ୍କ ବିଭିନ୍ନ ଯୋଜନା ହରିଲୁଟ୍ ହେଉଥିବାର ଜ୍ୱଳନ୍ତ ଉଦାହରଣ କୋଳିମାଟି ପଂଚାୟତରେ ଦେଖିବାକୁ ମିଳିଛି । ପଂଚାୟତର କନ୍ତୋ ଗାଁରେ ଏକ ଖେଳ ପଡିଆର ବିକାଶ ଲାଗି ଆସିଥିବା ପ୍ରାୟ ୫ଲକ୍ଷ ଟଙ୍କାର ସରକାରୀ ଅନୁଦାନ ମାତ୍ର ଗୋଟିଏ ଦିନ ମେସିନ୍ ଲଗାଇ ନଦୀପଠା ସମତୁଲ କରାଯାଇ ଏହି ଅର୍ଥକୁ ଉଠାଇ ନିଆଯାଇଥିବା ଗୁରୁତର ଅଭିଯୋଗ ହୋଇଛି । କେନ୍ଦ୍ର ସରକାରଙ୍କ ଆର୍ଥିକ ଅନୁଦାନରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସ୍ଥାନୀୟ ଶ୍ରମଜୀବୀ ଓ ଦିନମଜୁରିଆମାନଙ୍କୁ ନିୟୋଜିତ କରି ଶ୍ରମ ଦିବସ ସୃଷ୍ଟି କରିବା ଲାଗି ଲକ୍ଷ ଧାର୍ଯ୍ୟ କରାଯାଇଛି । ମାତ୍ର ଗୋଟିଏ ଦିନ ମେସିନ୍ ଲଗାଇ ଏହି କାର୍ଯ୍ୟକୁ ଶେଷ କରାଯାଇଛି । ମୂଷଳ ନଦୀପଠାକୁ ସମତୁଲ କରାଯାଇ ଯେଉଁ ଖେଳ ପଡିଆର ରୂପ ଦିଆଯାଇଛି ତାହା ମୂଷଳ ନଦୀର ସାମାନ୍ୟ ବନ୍ୟାରେ ଜଳାର୍ଣ୍ଣବ ହେବା ଆଶଙ୍କା ସୃଷ୍ଟି ହୋଇଛି । ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ଆସିଥିବା ଏହି ସରକାରୀ ଅନୁଦାନ ପାଇଁ ଯେଉଁ ମୋଷ୍ଟର ରୋଲ ପ୍ରସ୍ତୁତ କରାଯାଇଛି ସେଥିରେ ସ୍ଥାନୀୟ ଶ୍ରମଜୀବୀମାନଙ୍କ ନାମ ଥିଲେ ମଧ୍ୟ ସେମାନେ ଉକ୍ତ କାର୍ଯ୍ୟ ସମ୍ପର୍କରେ ଜାଣିନଥିବା ପ୍ରକାଶ କରିଛନ୍ତି । ଅନ୍ୟ ପକ୍ଷରେ କନ୍ତୋ ଗାଁରେ ପଡିଆ ଲାଗି ଉଦ୍ଦିଷ୍ଟ ଅନେକ ସ୍ଥାନ ଥିବାବେଳେ ନଦୀପଠାରେ ଖେଳ ପଡିଆ କରାଯିବାରୁ ସଚେତନ ଯୁବକମାନେ ବିରୋଧ କରିଥିଲେ ମଧ୍ୟ ବଳପୂର୍ବକ ଉକ୍ତ କାର୍ଯ୍ୟ ଶେଷ କରିଦିଆଯାଇଥିବା ଅଭିଯୋଗ ହୋଇଛି । ଏ ନେଇ ଆନନ୍ଦପୁର ବିଡିଓ ପଞ୍ଚାନନ ମଲ୍ଲିକଙ୍କୁ ଯୋଗାଯୋଗ କରିବାରୁ ଅଂଚଳବାସୀଙ୍କ ବିରୋଧ ସତ୍ତ୍ୱେ ଯଦି ଉକ୍ତ କାର୍ଯ୍ୟ ହୋଇଥାଏ ତେବେ ଏହାର ତଦନ୍ତ କରାଯାଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି ।

## ହରିଣ ଛୁଆ ଉଦ୍ଧାର ପରେ ବନ ବିଭାଗକୁ ହସ୍ତାନ୍ତର



ଆନନ୍ଦପୁର (ପିଏନ୍): ଆନନ୍ଦପୁର ବନଖଣ୍ଡ ଅଧିନରେ ଥିବା ଅଟେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଅବାଧରେ ଶିକାରୀ କୁକୁର ପ୍ରବେଶ କରି ସଂଘବଦ୍ଧ ହୋଇ ଏକ ହରିଣକୁ ଆକ୍ରମଣ କରି ଖଣ୍ଡିଆ ଖାବରା କରିଥିବା ବେଳେ କିଛିଦିନ ହେଲା ଅନେକ ହରିଣ ଆକ୍ରମଣରେ ପ୍ରାଣ ହରାଇଥିବା ସହ ଆହତ ମଧ୍ୟ ହୋଇଛନ୍ତି । ସେହିପରି ଅନେକ ଭୟଭୀତ ହରିଣ ଗ୍ରାମାଭିମୁଖୀ ହେଉଥିବା ଦେଖିବାକୁ ମିଳିଛି । ଗତ ଶୁକ୍ରବାର ସକାଳ ସମୟରେ କୁକୁର ହାବୁଡରେ ପଡି ଏକ ହରିଣ ଛୁଆ ପଣଡିହା ପଂଚାୟତର ଜାଳି ଗାଁକୁ ପଶି ଆସିଥିଲା । ଗ୍ରାମବାସୀ ହରିଣକୁ ଉଦ୍ଧାର କରିବା ସହିତ ବନବିଭାଗକୁ ଖବର ଦେଇଥିଲେ । ବନବିଭାଗ କର୍ମଚାରୀ ସେଠାରେ ପହଂଚିବା ପରେ ଗ୍ରାମବାସୀ ହରିଣକୁ ହସ୍ତାନ୍ତର କରିବା ପରେ ବନବିଭାଗ ହରିଣର ସ୍ୱାସ୍ଥ୍ୟ ପରୀକ୍ଷା କରି ସ୍ଥାନୀୟ ଜଙ୍ଗଲରେ ଛାଡି ଦେଇଥିବା ଜଣାପଡିଛି । ଗ୍ରୀଷ୍ମ ଋତୁ ଆରମ୍ଭରୁ ଜଙ୍ଗଲ ମଧ୍ୟରେ ଶିକାରୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଥିବାରୁ ହରିଣ ବଂଶ ଅସୁରକ୍ଷିତ ହେବା ସହିତ କୁକୁରଙ୍କ ଗତିବିଧି ଉପରେ ନଜର ରଖିବାକୁ ଅଧିକ ସଂଖ୍ୟକ ସୁରକ୍ଷା କର୍ମୀ ନିଯୁକ୍ତି କରିବାକୁ ଗ୍ରାମବାସୀ ଆନନ୍ଦପୁର ଡିଏଫ୍‌ଓଙ୍କ ନିକଟରେ ଦାବି କରିଛନ୍ତି ।

## ଘଟଗାଁରେ ଗୋଟିଏ ଦିନରେ ୩୬ ପଜିଟିଭ୍, ଚିନ୍ତା ବଢାଉଛି ବାଲିପୋଖରୀ ଓ ବାଟହରିଚନ୍ଦନପୁର

ଗୋଲାବନ୍ଧ (ପିଏନ୍): ଗତ ୨୪ ଘଣ୍ଟା ମଧ୍ୟରେ ଘଟଗାଁ ବ୍ଲକରେ କରୋନା ନିଜର ଭୟାବହ କାୟା ବିସ୍ତାର କରିବାରେ ଲାଗିଛି । ଗୋଟିଏ ଦିନରେ ୩୬ପଜିଟିଭ୍ ଚିହ୍ନଟ ହେବାସହ ବାଲିପୋଖରୀ ଗ୍ରାମପଂଚାୟତ ଏବେ ନୂଆ ହଟସ୍ପଟ ଭାବେ ଆତଙ୍କ ସୃଷ୍ଟି କରିଛି । ଏ ଯାବତ ଗତ ୪ ଦିନରେ ଏହି ପଂଚାୟତରୁ ୩୨ଜଣ ଆକ୍ରାନ୍ତ ଚିହ୍ନଟ ହେବା ବ୍ଲକ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ସାଜିଛି । ଗଦାଧରପୁର ପଂଚାୟତର ବାଟହରିଚନ୍ଦନପୁର ଗ୍ରାମରୁ ୧୨ଜଣ ଆକ୍ରାନ୍ତ ହୋଇଥିବାରୁ ଏହା ନିଶ୍ଚିତ ଚିନ୍ତା ବଢାଇ ଦେଇଛି । ବାଲିପୋଖରୀ ପଂଚାୟତରୁ ୧୮ଜଣ ଆକ୍ରାନ୍ତ ଚିହ୍ନଟ ହେବା ପରେ ସେମାନଙ୍କର ସବିଶେଷ କଣ୍ଟାକ୍ଟ ଟ୍ରେସିଂ ହେବାସହ ଆବଶ୍ୟକ ଔଷଧ ଏବଂ ସ୍ୱାସ୍ଥ୍ୟ ପରାମର୍ଶ ପ୍ରଦାନ କରାଯାଇଛି । ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଘଟଗାଁ ଏବିଡିଓ ଚିତ୍ତରଂଜନ ନାୟକ, ପୋଲିସ୍ ସବ୍‌ଇନ୍ସପେକ୍ଟର ମାନସ ବେହେରା ଦଳବଳ ନେଇ ଉକ୍ତ ଅଂଚଳ ଗସ୍ତ କରିଥିଲେ ଓ ଅମାନିଆଙ୍କୁ ତାଗିଦ କରିବା ସହ ପରିସ୍ଥିତି ସମୀକ୍ଷା କରିଥିଲେ । ବାଲିପୋଖରୀ ପଂଚାୟତର ସରପଂଚ ମନୋରଂଜନ ନାୟକ, ନିର୍ବାହୀ ଅଧିକାରୀ ପ୍ରଶାନ୍ତ ରାଉତ ଓ ଜିଆରଏସ୍ କେଶବାନନ୍ଦ ବାରିକ ଘଟଣା ସ୍ଥଳରେ ଉପସ୍ଥିତ ରହି ସହଯୋଗ କରିଥିଲେ । ପରେ ପରେ ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ହାତୀନୋଟା ଗାଁର ମୁଣ୍ଡାସାହି, ଶଗଡପଡା ଗାଁର ବାଲିସାହି ଓ ମହାନ୍ତସାହି ଏବଂ ଟାଙ୍ଗରତଳି ଗାଁର ପାତ୍ରସାହି ଅଂଚଳକୁ ଆବଦ୍ଧ ଅଂଚଳ ଭାବେ ଘୋଷଣା କରାଯାଇ ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ କରାଯାଇଛି । ସ୍ୱାସ୍ଥ୍ୟ ବିଭାଗ ତରଫରୁ ଡାକ୍ତର ମୁକ୍ତିକାନ୍ତ ନାୟକ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ତଦାରଖ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍‌ର ବ୍ୟବସ୍ଥା କରିଥିବା ଜଣାପଡିଛି ।

## ସାଇଁକୂଳ ପଂଚାୟତରେ ବିଶୋଧନ ସିଞ୍ଚନ

ଆନନ୍ଦପୁର (ପିଏନ୍): ଘଷିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳ ପଂଚାୟତରେ ଏକାଧିକ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ସଂକ୍ରମଣକୁ ରୋକିବା ପାଇଁ ପଂଚାୟତର ବିଭିନ୍ନ ସ୍ଥାନରେ ବିଶୋଧନ ସିଞ୍ଚନ କରାଯାଇଛି । ସରପଂଚ ବିଭାଷ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଘଷିପୁରା ଦମକଳ ବାହିନୀ ତରଫରୁ ଓମ୍ ପ୍ରକାଶ ସ୍ୱାଇଁଙ୍କ ନେତୃତ୍ୱରେ ଆରଏମସି ପରିସରରେ ଥିବା ମୂର୍ତ୍ତି କାରଖାନା, ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପତିତପାବନ ମହାବିଦ୍ୟାଳୟ ଗୃହକୁ ରାସାୟନିକ ବିଶୋଧନ ଜରିଆରେ ମହାବିଦ୍ୟାଳୟର ଅଧକ୍ଷ ରାଜେନ୍ଦ୍ର ରାଉତ, ସାଇକୁଳ ମେଡିକାଲର ସୁପରିଣ୍ଟେଣ୍ଡେଣ୍ଟ ରଂଜିବ ରାଉତ, ଡାକ୍ତର ସୁଚରିତା ପଟ୍ଟନାୟକ, ବିପିଏମ୍ ଶୁଭେନ୍ଦୁ ପୁହାଣ, ଏଲଟି ପ୍ରିତିରଂଜନ ଚକ୍ର, ଫାର୍ମାସିଷ୍ଟ କବିନ୍ଦ୍ର ସାହୁ ଓ ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ । ସରପଂଚ ବିଭାଷ ଚନ୍ଦ୍ର ନାୟକ ପଂଚାୟତର ବିଭିନ୍ନ ସ୍ଥାନ ବୁଲି ବୁଲି ଲୋକଙ୍କୁ ସଚେତନ କରାଇଛନ୍ତି । ସାମାଜିକ ଦୂରତା ରକ୍ଷା ଓ ମାସ୍କ ଲଗାଇ ବ୍ୟବସାୟ କରିବା ପାଇଁ ବ୍ୟବସାୟୀଙ୍କୁ ଅନୁରୋଧ କରିଛନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୧, ଅଗଷ୍ଟ ୧୦

# ହକିର ଯୁଗ ଆରମ୍ଭ

ଟୋକିଓ ଅଲମ୍ପିକ୍ସରେ ଭାରତୀୟ ପୁରୁଷ ହକି ଦଳ ଶକ୍ତିଶାଳୀ ଜର୍ମାନୀକୁ ୫-୪ ଗୋଲରେ ପରାସ୍ତ କରି ଦୀର୍ଘ ୪୧ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଦେଶ ପାଇଁ ଅଲମ୍ପିକ କାଂସ୍ୟ ପଦକ ଜିତି ଲକ ନୂତନ ଇତିହାସ ସୃଷ୍ଟି କରିଛି । କେବଳ ପରୁଷ ହକି ଦଳ ନୁହେଁ, ଭାରତୀୟ ମହିଳା ହକି ଦଳ ମଧ୍ୟ ଦେଶପାଇଁ କୌଣସି ପଦକ ଆଣିପାରିନଥିବା ସତ୍ୱେ ଯେଉଁ ଭଳି କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରି ପ୍ରଥମ ଥର ପାଇଁ ସେମିଫାଇନାଲରେ ପ୍ରବେଶ କରିବାକୁ ସମର୍ଥ ହୋଇଛନ୍ତି, ଦେଶରେ ଏବେ ହକିର ଯୁଗ ଆରମ୍ଭ ହୋଇଛି ବୋଲି କୁହାଯାଇପାରିବ । ଉଲ୍ଲେଖଯୋଗ୍ୟ ଯେ, ଅଲମ୍ପିକ୍ସ ଇତିହାସରେ ଭାରତ ହକିରେ ୮ଥର ସ୍ୱର୍ଣ୍ଣ ପଦକ ହାସଲ କରି ସ୍ୱର୍ଣ୍ଣକ୍ଷରରେ ନିଜ ନାମ ଲିପିବଦ୍ଧ କରିଥିବା ବେଳେ ଶେଷଥର ପାଇଁ ୧୯୮୦ ମସିହାରେ ମାସ୍କୋ ଅଲମ୍ପିକ୍ସର ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା । ସେତେବେଳେ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଶୀତଳ ଯୁଦ୍ଧ ଯୋଗୁଁ ବିଶ୍ୱର ବହୁ ରାଷ୍ଟ୍ର ମାସ୍କୋ ଅଲମ୍ପିକ୍ସକୁ ବର୍ଜନ କରିଥିଲେ । ୧୯୮୦ରେ ଅଷ୍ଟମ ତଥା ଶେଷ ସ୍ୱର୍ଣ୍ଣପଦକ ବିଜୟୀ ହେବା ପରଠାରୁ ଭାରତୀୟ ପୁରୁଷ ହକିର କ୍ରମ ଅବନତି ଘଟିଥିଲା । କେବଳ ଅଲମ୍ପିକ୍ସ ନୁହେଁ, ଅନ୍ୟାନ୍ୟ ବିଶ୍ୱସ୍ତରୀୟ କ୍ରୀଡାମଂଚରେ ଭାରତୀୟ ପୁରୁଷ ହକିର ନାଁ ଲିଭିଯାଇଥିଲା । କେବଳ ଏତିକି ନୁହେଁ, ଆଠ ଆଠ ଥର ସ୍ୱର୍ଣ୍ଣ ପଦକ ଜିଣି ବିଶ୍ୱର ଏକ ଶକ୍ତିଶାଳୀ ଦଳ ଭାବେ ପରିଚିତ ଥିବା ଭାରତୀୟ ଦଳ ଅଲମ୍ପିକ୍ସ ଇତିହାସର ୮୮ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଅଲମ୍ପିକ୍ସରେ ଭାଗ ନେବା ପାଇଁ ଯୋଗ୍ୟତା ଅର୍ଜନ କରି ପାରିନଥିଲା । ଯାହାକି ଦେଶବାସୀଙ୍କ ମଧ୍ୟରେ ଦାରୁଣ ଦୁଃଖର କାରଣ ହୋଇଥିଲା । ୨୦୦୮ ବେଜିଂ ହକିରେ ଭାରତର ଯୋଗ୍ୟତା ଅଭାବରୁ ଭାଗ ନେଇ ପାରିନଥିବା ବେଳେ ୨୦୧୨ ଲଣ୍ଡନ ଅଲମ୍ପିକ୍ସରେ ଗୋଟିଏ ହେଲେ ମ୍ୟାଚ ଜିଣିପାରିନଥିଲା ଏବଂ ତାଲିକାର ଶେଷରେ ରହିଥିଲା । ୨୦୧୬ ରିଓ ଅଲମ୍ପିକ୍ସରେ କ୍ୱାର୍ଟର ଫାଇନାଲରେ ପହଁଚିଥିଲେ ମଧ୍ୟ ବେଲଜିଅମ ଠାରୁ ହାରି ଅଷ୍ଟମ ସ୍ଥାନରେ ରହିଥିଲା । ଚଳିତ ଟୋକିଓ ଅଲମ୍ପିକ୍ସରେ ଭାରତୀୟ ଦଳ କେବଳ ଫାଇନାଲରେ ମୁହାଁମୁହିଁ ହୋଇଥିବା ଅଷ୍ଟ୍ରେଲିଆ ଏବଂ ବେଲଜିଅମ ଠାରୁ ପରାଜୟ ସ୍ୱୀକାର କରିଥିବା ବେଳେ ଅନ୍ୟ ସମସ୍ତ ରାଷ୍ଟ୍ରକୁ ପରାସ୍ତ କରି ବ୍ରୋଂଚ ପଦକ ହାସଲ କରି ନିଜର ପୂର୍ବ ଗୌରବ ଫେରି ପାଇବାକୁ ସମର୍ଥ ହୋଇଛି । ଏହା ନିଶ୍ଚିତ ଯେ, ସାଂପ୍ରତିକ ମୁହୁର୍ତରେ କାଂସ୍ୟ ପଦକ ସ୍ୱର୍ଣ୍ଣ ପଦକଠାରୁ କୌଣସି ଗୁଣରେ କମ ନୁହେଁ । ଭାରତର ଅଲମ୍ପିକ ପଦକ ବିଜୟ କେବଳ ଖେଳାଳୀମାନଙ୍କ ପାଇଁ ବିଜୟ ଉଲାସ ହୋଇରହିନାହିଁ । ସମଗ୍ର ଦେଶରେ ଉତ୍ସବର ମାହୋଲ ସୃଷ୍ଟି କରିଛି । ଏହା ଅତୀତର ସେହି ସ୍ୱର୍ଣିମ ଅଧ୍ୟାୟକୁ ସ୍ମରଣ କରାଇଦେଇଛି । ଯାହା ଦେଶବାସୀ ତଥା ଯୁବପିଢୀଙ୍କ ପାଇଁ ପ୍ରେରଣା ଦାୟକ ହୋଇରହିଛି ଏବଂ ରହିବ ମଧ୍ୟ । କେବଳ ପୁରୁଷ ହକି ନୁହେଁ, ଭାରତୀୟ ମହିଳା ହକି ଦଳ ମଧ୍ୟ ନିଜର କ୍ରୀଡା ଦକ୍ଷତାରେ କେବଳ ଦେଶବାସୀଙ୍କୁ ନୁହେଁ, ସମଗ୍ର ବିଶ୍ୱବାସୀଙ୍କୁ ବିମୋହିତ କରିଦେଇଛି । ଅଲମ୍ପିକ ଇତିହାସରେ ପ୍ରଥମ ଥର ପାଇଁ ସେମିଫାଇନାଲରେ ପ୍ରବେଶ କରି ମହିଳାଙ୍କ ପାଇଁ ପ୍ରେରଣା ଦାୟକ ହୋଇଛି । କୌଣସି ଫାଇନାଲରେ ପ୍ରବେଶ କରି ମହିଳାଙ୍କ ପାଇଁ ପ୍ରେରଣା ଦାୟକ ହୋଇଛି । କୌଣସି ପଦକ ଜିଣି ପାରିନଥିବା ସତ୍ୱେ ବିଦେଶରେ ଏବେ ହକିର ନୂତନ ଯୁଗ ଆରମ୍ଭ ହୋଇଛି ବୋଲି ନିସନ୍ଦେହରେ କୁହାଯାଇପାରିବ । ବ୍ରୋଂଚ ପଦକ ପାଇଁ ବ୍ରିଟେନ ଠାରୁ ପରାଜିତ ହୋଇଥିଲେ ମଧ୍ୟ ମହିଳା ଦଳର ଦକ୍ଷତା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଏହା ସତ୍ୟ ଯେ, ଭାରତୀୟ ପୁରୁଷ ହକି ଓ ମହିଳା ହକିର ଏ ଉତଥାନ ପଛରେ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଓ ଓଡ଼ିଶା ସରକାରଙ୍କ ଅବଦାନ, ପ୍ରେରଣା, ପ୍ରୋତ୍ସାହନ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ସ୍ୱୀକାର କରିବାକୁ ହେବ । ଏହା ସତ୍ୟ ଯେ, ଯେତେବେଳେ ଭାରତୀୟ ହକି ପ୍ରୋତ୍ସାହନ, ପ୍ରାୟୋଜକ ଅଭାବରୁ କଠିନ ସମୟ ଦେଇ ଗତି କରୁଥିଲା, ଲୋକଙ୍କ ହୃଦୟରୁ କ୍ରମଶଃ ବିସ୍ମୃତ ହୋଇଯାଉଥିଲା । ଠିକ୍ ସେହି ସମୟ ଦେଇ ଗତି କରୁଥିଲା, ଲୋକଙ୍କ ହୃଦୟରୁ କ୍ରମଶଃ ବିସ୍ମୃତ ହୋଇଯାଉଥିଲା । ଠିକ୍ ସେହି ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ୨୦୧୮ ମସିହାରୁ ୫ବର୍ଷ ପାଇଁ ହକିକୁ ପ୍ରାୟୋଜକ ଭାବେ ଗ୍ରହଣ କରିବା ସହ ସମସ୍ତ ଆର୍ଥିକ ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦେଇଆସୁଛନ୍ତି । ଯାହାକି ଭାରତୀୟ ହକିକୁ ନୂଆଜୀବନ ଦେଇଛି ବୋଲି କହିଲେ ଅତିରଂଜିତ ହେବ ନାହିଁ । ଏହା ନିଶ୍ଚିତ ଯେ, କ୍ରୀଡା କ୍ଷେତ୍ରରେ ପ୍ରୋତ୍ସାହନ ଓ ସହାୟତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଯାହା ଭାରତୀୟ ହକି କ୍ଷେତ୍ରରେ ପ୍ରମାଣିତ ହୋଇଛି । କୌଣସି ରାଜ୍ୟ ସରକାର କ୍ରୀଡାକୁ ପ୍ରାୟୋଜକ ଭାବେ ଆଗେଇ ନେବା ଦେଶରେ ପ୍ରଥମ ଘଟଣା ଥିଲା । ଓଡ଼ିଶା ସରକାରଙ୍କ ପଦକ୍ଷେପ ଏଣିକି ନେବାଦେଶରେ ପ୍ରଥମ ଘଟଣା ଥିଲା । ଓଡ଼ିଶା ସରକାରଙ୍କ ପଦକ୍ଷେପ ଏଣିକି କ୍ରୀଡାକ୍ଷେତ୍ରରେ ରାଜ୍ୟ ସରକାରମାନଙ୍କ ପାଇଁ ପଥ ପ୍ରଦର୍ଶକ ହେବ, ଏଥିରେ ସନ୍ଦେହ ନାହିଁ । ଉଲ୍ଲେଖଯୋଗ୍ୟ ଯେ, ହକି ହେଉଛି ଦେଶର ଜାତୀୟ କ୍ରୀଡା । ମାତ୍ର କ୍ରିକେଟ ନିକଟରେ ହକି ଯେପରି ନିଜର ସତା ହରାଇ ଚାଲିଥିଲା । ଦିନେ ନା ଦିନେ ଲୋକଙ୍କ ମନରୁ ଲିଭିଯାଇଥାନ୍ତା । ଭାରତୀୟ ହକିର ଉତଥାନ ପରେ ଏଣିକି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଯଥେଷ୍ଟ ଧ୍ୟାନ ଦେବେ ବୋଲି ଆମର ଆଶା । ଏହା ସତ୍ୟ ଯେ, ଜାତୀୟ କ୍ରୀଡା ହକିର ଏନ୍ତୁଡିଶାଳ ହେଉଛି ଓଡ଼ିଶାର ସୁନ୍ଦରଗଡ ଜିଲ୍ଲା । ଏବେ ଉଭୟ ପୁରୁଷ ଓ ମହିଳା ହକି ଦଳକୁ ସୁନ୍ଦରଗଡରୁ ୪ଜଣ ଗୌରବ ଫେରାଇ ଆଣିବା ପାଇଁ ଓଡ଼ିଶା ସରକାର ରାଉରକେଲା ଓ ଭୁବନେଶ୍ୱରରେ ବିଶ୍ୱକପ୍ ହକି ଆୟୋଜନ କରିବାକୁ ଯାଉଛନ୍ତି । ଆମେ ଉଭୟ ପୁରୁଷ ଓ ମହିଳା ହକି ଦଳକୁ ଅଭିନନ୍ଦନ ଜଣାଉଛୁ । ସେହିପରି ଅଲମ୍ପିକ ମହାକୁମ୍ଭରେ ଦେଶପାଇଁ ଗୌରବ ଆଣିଥିବା ମୀରାବାଇ, ପିଭି ସିନ୍ଧୁ, ଲଭଲିନା ବୋରଗୋହାଇନ, ରବି ଦାହିୟାଙ୍କୁ ଆମେ ଅଭିନନ୍ଦନ ଜଣାଉଛୁ । ଓଡ଼ିଶା ସରକାରଙ୍କ ପ୍ରୋତ୍ସାହନ ଏବଂ ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ କ୍ରୀଡା କୌଶଳ ଭାରତୀୟ ହକି ପାଇଁ ପ୍ରେରଣା ଦାୟକ ହେଉ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# ଇତିହାସ ପୃଷ୍ଠାରେ- 'କର ବା ମର ଆନ୍ଦୋଳନ'

ଭାରତର ମୁକ୍ତି ସଂଗ୍ରାମ ଅନେକ ତ୍ୟାଗ, ବଳିଦାନ ଓ ବୀରତ୍ୱର କଥା କହେ । ଦେଶ ମାତୃକାର ସ୍ୱାଧୀନତା ପାଇଁ ବହୁ ସଂଗ୍ରାମୀ ଲାଠିମାଡ଼ ଖାଇଛନ୍ତି, କାରାବରଣ କରିଛନ୍ତି ଓ ସହିଦ୍ ହୋଇଛନ୍ତି । ୧୮୫୭ ମସିହା ସିପାହୀ ବିଦ୍ରୋହ ଠାରୁ ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନ ପର୍ଯ୍ୟନ୍ତ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଭିତରେ ବହୁ ବିପ୍ଳବୀ ଅଭୁତପୂର୍ବ ଆତ୍ମୋତ୍ସର୍ଗ ଓ ଦେଶପ୍ରେମର ବିରଳ ଦୃଷ୍ଟାନ୍ତ ରଖି ଯାଇଛନ୍ତି । ସେମାନଙ୍କ ସେହି ତ୍ୟାଗ ଚିରଦିନ ସ୍ମରଣୀୟ ହୋଇ ରହିବ । ଭାରତର ମୁକ୍ତି ସଂଗ୍ରାମରେ ୧୯୪୨ ମସିହା 'ଭାରତ ଛାଡ' ଆନ୍ଦୋଳନ ଏକ ସ୍ୱତନ୍ତ୍ର ସ୍ମାରକୀ ବହନ କରେ ଯାହାକି ଅଗଷ୍ଟ ବିପ୍ଳବ ନାମରେ ଖ୍ୟାତ । ଏହି ଅନ୍ଦୋଳନ ଥିଲା ବ୍ରିଟିଶ ଶାସନ ବିରୋଧରେ ଶେଷ ଆନ୍ଦୋଳନ । ଏହି ଜାତୀୟ ଆନ୍ଦୋଳନ ଆରମ୍ଭ ହୋଇଥିଲା ୧୯୪୨ ମସିହା ଅଗଷ୍ଟ ୯ତାରିଖରେ । ଏହାର ପୂର୍ବଦିନ ବମ୍ବେଠାରେ ସର୍ବଭାରତୀୟ କଂଗ୍ରେସ କାର୍ଯ୍ୟକାରୀ କମିଟି ଦ୍ୱାରା "କର ବା ମର" ନୀତି କୁ ଆପଣେଇ "ଭାରତଛାଡ" ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ବୈଠକରେ ଓଡିଶାରୁ କଂଗ୍ରେସର ତୁଙ୍ଗ ନେତା ହରେକୃଷ୍ଣ ମହତାବ ,ସୁରେନ୍ଦ୍ର ଦ୍ୱିବେଦୀ, ମାଳତୀ ଚୌଧୁରୀ,ପ୍ରହ୍ଲାଦ ରାୟ ଓ ଲକ୍ଷ୍ମୀନାରାୟଣ ମିଶ୍ର ଯୋଗ ଦେଇଥିଲେ । ଠିକ୍ ତା ପରଦିନ ପ୍ରତ୍ୟୁଷରୁ ଗାନ୍ଧିଜୀଙ୍କ ସମେତ ଭାରତର ଅନ୍ୟାନ୍ୟ ତୁଙ୍ଗ ନେତାଙ୍କୁ ଗିରଫ କରାଗଲା । ସେହିପରି ଓଡିଶାରୁ ହରେକୃଷ୍ଣ ମହତାବଙ୍କୁ ବମ୍ବେରୁ ଗିରଫ କରାଯାଇ ଅହମଦାବାଦ ଜେଲ୍‌ରେ ରଖାଗଲା । ଏଥିସହିତ ଓଡିଶାର ବିଭିନ୍ନ ପ୍ରାନ୍ତରରୁ ୨୪ଜଣ କଂଗ୍ରେସ ନେତାଙ୍କୁ ଗିରଫ କରାଗଲା । ସାରା ଦେଶରେ ଜନତାଙ୍କ ମଧ୍ୟରେ ସୃଷ୍ଟି ହେଲା ଅପୂର୍ବ ଆଲୋଡନ । ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ସର୍ବତ୍ର ପ୍ରକମ୍ପିତ ହେଲା "ଭାରତ ଛାଡ" ଧ୍ୱନିରେ । କି ସହର କି ବଜାର ବା ଗଳିକନ୍ଦି ସବୁଠି ଆରମ୍ଭ ହୋଇଗଲା ହରତାଳ ଓ ଶୋଭାଯାତ୍ରା । ସେପଟେ ଏହାକୁ ଦମନ କରିବା ପାଇଁ ଚାଲିଲା ଗୁଳି, ଲାଠିଚାଳନା ଓ ଅମାନୁଷିକ କାର୍ଯ୍ୟ । ଏହାଥିଲା ଭାରତୀୟମାନଙ୍କ ପ୍ରତି ବ୍ରିଟିଶ ସରକାରଙ୍କର ବର୍ବରୋଚିତ ଆକ୍ରମଣର ନଗ୍ନ ନମୁନା । ଏହାର ଅନ୍ତ ହେଲା ୧୯୪୫ ମସିହା ମଧ୍ୟଭାଗରେ । ଏହି ଆନ୍ଦୋଳନ ଗଣ ଆନ୍ଦୋଳନର ରୂପ ନେଇଥିଲେ ମଧ୍ୟ ଏହା ଆମକୁ ଆମ ଇପ୍‌ସିତ ସ୍ୱାଧୀନତା ଦେଇପାରିନଥିଲା । ତଥାପି ଏହା ପ୍ରମାଣିତ କରିଥିଲା ଯେ, ଭାରତପାଇଁ ସ୍ୱାଧୀନତା ହାସଲ ଆଉ ବେଶି ଦୂର ନୁହେଁ । ପରବର୍ତ୍ତୀ ପର୍ଯ୍ୟାୟରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଆମେ ବହୁ ପ୍ରତିକ୍ଷୀତ ସ୍ୱାଧୀନତା ପାଇଲେ ।ଅଗଷ୍ଟ ୯ ତାରିଖ ଦିନ ସକାଳୁ ତୁଙ୍ଗ ନେତାମାନଙ୍କ ସହ କଂଗ୍ରେସର କାର୍ଯ୍ୟକାରୀ ପରିଷଦର ସମସ୍ତ କର୍ମକର୍ତ୍ତାଙ୍କୁ ଗିରଫ କରାଗଲା । ଏମାନଙ୍କ ମଧ୍ୟରେ ଥିଲେ ହରେକୃଷ୍ଣ ମହତାବ । ଜାତିର ପିତା ମହାତ୍ମା ଗାନ୍ଧୀଙ୍କ କରବା ମର ଡାକରା ଥିଲା ସେ ସମୟର ଆହ୍ୱାନ । ଏହି ଡାକରା ଜନସାଧାରଣଙ୍କ ମନରେ ଗଭୀର ଅଲୋଡନ ସୃଷ୍ଟି କରିଥିଲା । ଏହା କେବଳ ବ୍ରିଟିଶ୍ ସରକାରଙ୍କ ବିରୋଧରେ ଆନ୍ଦୋଳନ ନଥିଲା ବରଂ ମୁକ୍ତିକାମୀ ଭାରତୀୟମାନଙ୍କ ପାଇଁ ନୂତନ


ହିମାଂଶୁ ଶେଖର ଆଚାର୍ଯ୍ୟ

ଆଶା ସଂଚାର କରିଥିଲା । ଫଳରେ ସାରା ଦେଶରେ ବଡଧରରଣ ଆନ୍ଦୋଳନ ମୁଣ୍ଡ ଟେକିଥିଲା । ଫଳସ୍ୱରୂପ ସରକାରୀ କାର୍ଯ୍ୟାଳୟରେ କାମ ବନ୍ଦ ହୋଇଯାଇଥିଲା ଏବଂ ସରକାରୀ ଦପ୍ତର ଉପରେ ତିରଙ୍ଗା ଉଡିଲା । ମୋଟାମୋଟି ଭାବେ କହିଲେ ୧୯୪୨ର ଭାରତ ଛାଡ ଆନ୍ଦୋଳନ ଦେଶର ସ୍ୱାଧୀନତା ହାସଲ ପାଇଁ ଏକ ଦୃଢ ଭିତ୍ତି ଭୂମି ପ୍ରସ୍ତୁତ କରିଥିଲା ଏହ ଆନ୍ଦୋଳନରେ ମହିଳା ମାନଙ୍କର ଅବଦାନ ମଧ୍ୟ କୋଣସି ଗୁଣରେ କମ୍ ନଥିଲା । 'ବୀର ମାରେ ଅବା ମରେ କରି ରଣ' ନ୍ୟାୟରେ ସେମାନେ ଗାନ୍ଧିଙ୍କ କର ବା ମର ଡାକରାରେ ସାମିଲ୍ ହୋଇଥିଲେ । ଏମାନଙ୍କ ମଧ୍ୟରେ ଥିଲେ ସୁଚେତା କୃପାଳିନୀ,ମାଳତୀ ଚୌଧୁରୀ, ରମା ଦେବୀ, ମାତଙ୍ଗିନୀ ହାଜରା, କନକଲତା ବରୁଆ, କାହ୍ନୁଲି ଦେବୀ, ନଳିନୀ ଦେବୀ , ଶଶିକଳା ଦେବୀ, ଉଷା ମେହେଟା ଓ ଆହୁରି ଅନେକ । ମାତଙ୍ଗିନୀ ହାଜରା, କନକଲତା ବରୁଆ,କାହ୍ନୁଲି ଦେବୀ ,ଶଶିକଳା ଦେବୀ,ନଳିନୀ ଦେବୀ ଅନ୍ଦୋଳନରେ ଝାସ ଦେଇ ପୋଲିସ୍ ଗୁଳିରେ ଶିକାର ହୋଇ ସହିଦ ହେବା ସହ ଏହି ବିପ୍ଳବକୁ ଆହୁରି ତେଜିୟାନ କରିଥିଲେ । ଅନେକ ସ୍ଥାନରେ ଲୋକେ ନେତୃତ୍ୱକୁ ନିଜ ହାତକୁ ନେଇ ଅନେକ ଅଘଟଣ ଘଟାଇ ଥିଲେ । ସାର ଦେଶ ଶହ ଓଡିଶାରେ ମଧ୍ୟ ଆନ୍ଦୋଳନ ଜୋରଦାର ଚାଲିଥିଲା । କୋରାପୁଟ ମାଥାଲି ଠାରେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରିବା ବେଳେ ପାଞ୍ଚଜଣ ସଂଗ୍ରାମୀ ସହିଦ୍ ହୋଇଥିଲେ । ସେହିପରି ୧୯୪୨ ସେପ୍ଟମ୍ବର ୨୮ ତାରିଖରେ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଇରମ୍ ଠାରେ ଏକ ସଭା ଉପରେ ପୁଲିସ୍‌ର ଗୁଳି ବର୍ଷଣରେ ଜଣେ ମହିଳାଙ୍କ ସହିତ ୨୯ ଜଣ ସହିଦ ହୋଇଥିଲେ । ସେଦିନ ଇରମ ମାଟି ରକ୍ତ ରଂଜିତ ହୋଇଥିଲା । ସେହିପରି ୧୯୪୨ ଅଗଷ୍ଟ ୨୪ ତାରିଖରେ କୋରାପୁଟ ଜିଲ୍ଲାର ପାପଡାହାଣ୍ଡି ସ୍ଥିତ ତୁରି ନଦୀ କୂଳରେ ସତ୍ୟାଗ୍ରହୀଙ୍କ ଉପରେ ପୁଲିସ୍ ର ଆଖିବୁଜା ଗୁଳିଚାଳନାରେ ୧୯ ଜଣଙ୍କର ମୃତ୍ୟୁ ହୋଇଥିଲା । ଏହି ଆନ୍ଦୋଳନ ସମୟରେ ବ୍ରିଟିଶ୍ ସରକାର ଗାନ୍ଧିଜୀଙ୍କୁ ଆଗାଖାଁ ପ୍ୟାଲେସ୍ ଜେଲ୍‌ରେ ରଖିଥିଲେ । ଜେଲ୍‌ରେ ଥାଇ ବି ଗାନ୍ଧିଜୀ ଚୁପ୍ ହୋଇ ବସିନଥିଲେ । ୭୪ ବର୍ଷ ବୟସରେ ମୁକ୍ତି ସଂଗ୍ରାମ ର କର୍ଣ୍ଣଧାର ମହାତ୍ମା ଗାନ୍ଧି ୨୧ ଦିନିଆ ଅନଶନ କରିଥିଲେ । ଏହି କାରାବାସ ସମୟରେ ତାଙ୍କର ବ୍ୟକ୍ତିଗତ ସଚିବ ମହାଦେବ ଦେଶାଇଙ୍କର ଦେହାନ୍ତ ହୋଇଗଲା । ୧୯୨୦ ଅସହଯୋଗ ଆନ୍ଦୋଳନ, ୧୯୩୦ ଆଇନ୍ ଅମାନ୍ୟ ଆନ୍ଦୋଳନ ଓ ପରେ ୧୯୪୨ କର ବା ମର ଆନ୍ଦୋଳନ ଗାନ୍ଧିଙ୍କ ପାଇଁ ଗୋଟିଏ ଗୋଟିଏ ଅଗ୍ନି ପରୀକ୍ଷା ଥିଲା । ବିଶେଷ କରି ଅଗଷ୍ଟ ୯ ର କର ବା ମର ଡାକରାକୁ ବଜ୍ରଶପଥ ନେଇ ସତ୍ୟାଗ୍ରହୀମାନେ ଏହି ଆନ୍ଦୋଳନରେ ସାମିଲ୍ ହୋଇଥିଲେ । ବ୍ରିଟିଶ୍ ସରକାରଙ୍କ ତଥ୍ୟ ଅନୁଯାୟୀ ଏହି ଆନ୍ଦୋଳନରେ ସହାସ୍ରାଧିକ ଲୋକ ସହିଦ ହୋଇଥିବା ବେଳେ ୩ ହଜାରରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଥିଲେ । ସେମାନଙ୍କ ବଳିଦାନ ପରବର୍ତ୍ତି ପର୍ଯ୍ୟାୟରେ ସ୍ୱାଧୀନତା ପାଇଁ ବାଟ ଫିଟାଇ ଥିଲା ।ତେଣୁ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ଏହି ସହିଦ ମାନଙ୍କ ନିକଟରେ ଏ ଦେଶ ସର୍ବଦା ଋଣୀ । ଗାନ୍ଧିଜୀଙ୍କ ସ୍ୱାଧୀନତା ସଂଗ୍ରାମର ଶେଷ ଲଢେଇକୁ ଇତି ମଧ୍ୟରେ ୭୯ ବର୍ଷ ବତିଗଲାଣି ସେଦିନର ସେହି ତ୍ୟାଗ, ବଳିଦା. ତିତିକ୍ଷା, ମନେ ପଡିଲେ ଦେହ ମନରେ ଶିହରଣ ଆସେ । ଲୋମ ଟାଙ୍କୁରି ଉଠେ । ଆଷ୍ଟୁ ଲୁଚୁନଥିବା ସେହି ସତ୍ୟ ଓ ଅହିଂସାର ପୂଜାରୀ ଗାନ୍ଧିଙ୍କ କର ବା ମର ଆହ୍ୱାନ ଏବେବି ସ୍ମୃତିର ଅଲିଭା ସ୍ୱାକ୍ଷର ହୋଇ ରହିଛି ଓ ରହିଥିବ ମଧ୍ୟ । ଏବେ ଆମ ଆଗରେ ବିରାଟ ଆହ୍ୱାନ ।ଦେଶର ମୁକ୍ତି ସଂଗ୍ରାମରେ ସାମିଲ ହୋଇଥିବା ,ଲାଠିମାଡ ଖାଇଥିବା, କାରାବରଣ କରିଥିବା ଓ ସହିଦ ହୋଇଥିବା ଅଗଣିତ ଦେଶପ୍ରେମୀଙ୍କ ତ୍ୟାଗ ଓ ବଳିଦାନକୁ ଆମେ ବ୍ୟର୍ଥ ହେବାକୁ ଦେବାନାହିଁ ।ଏହାହିଁ ଅଗଷ୍ଟ ନଅର ଅନୁଚିନ୍ତା ।

ଜଗତସିଂହପୁର
ମୋ : ୯୩୩୭୨୨୧୯୨୪

# ମର୍ତ୍ତ୍ୟର ଦେବତା

ସାଙ୍ଗଙ୍କୁ ନେଇ ଜଣେ ମର୍ତ୍ତ୍ୟର ଦେବତାଙ୍କ ପାଖକୁ ଯାଇଥାଏ । ରୋଗୀ ଦୁଇଜଣ ଥାଆନ୍ତି, ମୋ' ସାଙ୍ଗକୁ ମିଶାଇ । ମାତ୍ର ଏକ ୨୪/୨୫ ବର୍ଷର ଯୁବକ ବସିଥାନ୍ତି ମର୍ତ୍ତ୍ୟର ଦେବତାଙ୍କୁ ଦେଖାକରି ତାଙ୍କ କମ୍ପାନିର ଔଷଧ ରୋଗୀମାନଙ୍କ ପାଇଁ ଲେଖିବାକୁ କହିବାକୁ । ଯେହେତୁ ସେ ଦୀର୍ଘସମୟ ଧରି ଅପେକ୍ଷାରତ ଆମ ପାଳି ପଡ଼ିବାରୁ ଆମେ ତାଙ୍କୁ କହିଲୁ ତୁମେ ଦେଖାକର । ସେ ବିଚରାଟି କ'ଣ କାଗଜପତ୍ର ଦେଖାଇଲା ଓ ଇଂରାଜୀ ଗୁଡ଼ିକ, ଏତେ ଭୁସ୍ ଭାସରେ କହିଲା ଯେ ଆମେ କେବଳ ବାହାରେ କାଳା ହୋଇ ଶୁଣୁଥାଉ । କିଛି ସମୟ ପରେ ସେ ବାବୁଟିକୁ ମର୍ତ୍ତ୍ୟର ଦେବତା କ'ଣ ଟିକେ ବିରକ୍ତ ହୋଇ କହିବାର ଶୁଣାଗଲା । ଲାଗିଲା ସତେ ଯେମିତି ସେ ବାବୁ ବୋଧେ ସେ ମର୍ତ୍ତ୍ୟର ଦେବତାଙ୍କୁ କିଛି ଉପହାର ଦେଲେନାହିଁ ,ଯେଉଥିପାଇଁ ବିରକ୍ତି ଭାଷା ଶୁଣିଲେ । କେବଳ ଔଷଧର ନମୁନା ଆଣିଥିଲା ବୋଧେ ଯେଉଁଥିପାଇଁ ମର୍ତ୍ତ୍ୟର ଦେବତା ଖଡ୍ଗହସ୍ତ । ଦେବତା ଶବ୍ଦର ଅର୍ଥ ତ ଆଗେ 'ଦେ' ତା'ପରେ ବତା ତୋ, ଅସୁବିଧା କ'ଣ । ମନେ ମନେ ବୁଝିଲି ବାବୁଟି ବୋଧେ ନୁଆ ଆସିଛି ଏ ମର୍ତ୍ତ୍ୟର ଦେବତାଙ୍କ ପାଖକୁ କିମ୍ବା ସେ ଦୋକାନି ବାବୁଙ୍କୁ ପଚରା ଉଚୁରା କରିନାହିଁ,ନହେଲେ ତ ସେମାନେ କମ୍ ସେ କମ୍ ବତେଇ ଦେଇଥାନ୍ତେ ଯେ, ସେ ଦେଖାକରିବାକୁ ଯାଉଥିବା ଦେବତାଙ୍କ ନୈବେଦ୍ୟ କ'ଣ । ପିଲାଜଣକ ମନଦୁଃଖ କରି ବାହାରକୁ ଆସିଲା, ଯଦିଓ ଆମକୁ ଦେଖି ହସିଲା । ଆମେ କିଛି ଜାଣିନୁ ବା ନବୁଝିଲା ଭଳି ମଧ୍ୟ ଅଭିନୟ କଲୁ ତାଙ୍କ ସଙ୍ଗେ । ସଙ୍ଗେ ସଙ୍ଗେ ସାଙ୍ଗକୁ ଡାକ୍ତରଙ୍କ କକ୍ଷକୁ ପଠାଇ ପିଲାଟିକୁ ପଚାରିଲି, 'କିଛି ଥଣ୍ଡା ବଟିକା, ଦେହ ଘୋଳାବିନ୍ଧା ହେଉଛିର ଡ଼ାକ୍ତରି ନମୁନା ଔଷଧ ଅଛି କି ବାବୁ ?' ସେ ସଙ୍ଗେ ସଙ୍ଗେ କହିଲା, ''ଆଗରୁ କହିଥିଲେ ଭଲ ହୋଇଥା'ନ୍ତା । ଏଠି ଯେତେଗୁଡ଼ିଏ ସେ ଡାକ୍ତରଙ୍କୁ ଦେଲି, ଆପଣଙ୍କୁ ଦେଇଥିଲେ ବୋଧେ ଭଲ ହୋଇଥା'ନ୍ତା, କାରଣ କମ୍ ସେ କମ୍ ଆପଣ ଏତିକି ମନେରଖିଥା'ନ୍ତେ ଯେ ମୁଁ କେଉଁ କମ୍ପାନିରୁ ଆସିଥିଲି ବୋଲି ! ମାତ୍ର ଏ ଡାକ୍ତରଙ୍କ ବ୍ୟବହାର ଏତେ କଦର୍ଯ୍ୟ ଲାଗିଲା ଯେ ସତେ ଯେମିତି ମୁଁ ଭୁଲ୍ ଜାଗାକୁ ପଳାଇ ଆସିଥିଲି !''

ପିଲାଟି ଗଲାପରେ ଭାବିଲି ସେ ପିଲାଟି ସିନା ଡାକ୍ତରଙ୍କ କକ୍ଷରୁ ଫେରିଲାପରେ ହସୁଥିଲା ଲୋକଦେଖାଣିଆ ହସ ମାତ୍ର ମୋତେ ଯାହା କହିଲା ତାହା ଅନ୍ତରର ଭାଷା । ଏ ତ' ଗଲା ଡାକ୍ତରଙ୍କ ଔଷଧ କମ୍ପାନି ଔଷଧୀୟ ପ୍ରତିନିଧିମାନଙ୍କୁ ବ୍ୟବହାର କଥା । ଏ ମର୍ତ୍ତ୍ୟର ଦେବତାଙ୍କ ଅନ୍ୟଗୁଣଗୁଡ଼ା ଜାଣିଲେ ଆପଣମାନେ ତାଙ୍କୁ ଖରାପ ଭାବିପାରନ୍ତି ମାତ୍ର ତାଙ୍କ ପାଖକୁ ରୋଗ ଦେଖାଇବାକୁ ଯିବା ପାଇଁ ବାଧ୍ୟ ହେବେ କାରଣ ସେ ଆମ ଅଞ୍ଚଳର ଜଣେ ନାମ୍‌ଜାଦା ଡାକ୍ତର । ଘର ପାଖରେ ଥିବା ଔଷଧ ଦୋକାନୀଗଣ ଏ ମର୍ତ୍ତ୍ୟର ଦେବତାଙ୍କ ଯୋଗୁଁ ବଞ୍ଚିଛନ୍ତି । ଯାହା ଡାକ୍ତରି ନମୁନା ଔଷଧ ମିଳେ ତାଙ୍କୁ ଏ ଦୋକାନୀକୁ ବିକି ତାଙ୍କଠାରୁ ପଇସା ନିଅନ୍ତି ଯାହା ଦୋକାନୀମାନେ କହନ୍ତି । ଯେଉଁଠାରେ ମର୍ତ୍ତ୍ୟର ଦେବତାଜଣକ ମାଗଣା ଔଷଧକୁ ମାଗଣାରେ ବିତରଣ କରିବା ଶିଖିପାରିଲା ନାହିଁ ସେ ଯେ କେଉଁଭଳିଆ ବ୍ୟବହାର ମାଗଣାରେ ରୋଗୀଙ୍କୁ ଅବା ଆଉ କାହାକୁ କରିବ ତାହା ସହଜେ ଅନୁମେୟ ।

ସାଙ୍ଗ ଆସିଲାପରେ ଡାକ୍ତରଙ୍କ କକ୍ଷରୁ

**ଆଚରଣ ଓ ଉଚ୍ଚାରଣ**
**• • • ଦାସେ • • •**

ତାକୁ ଏ କଥା କହନ୍ତେ ସେ କହିଲା, ''ଏ ତ ଆମ ସ୍ଥାନୀୟ ଡାକ୍ତରଙ୍କ କଥା । ବଡ଼ ଡାକ୍ତରଖାନାର ବଡ଼ ବଡ଼ ଡାକ୍ତରଙ୍କ କଥା ଓ କାମ ଶୁଣିଲେ ମୁଣ୍ଡରେ ହାତ ଦେବୁ । ଡାକ୍ତରଙ୍କ ନାମ ଏତେ ସୁନ୍ଦର ଦିଆଯାଇଥାଏ ଯେ ନାମ ଓ କାମ ଭିତରେ ଆକାଶ ପାତାଳ ଫରକ ଥାଏ । ନାମ ମନେକର ହରିଭକ୍ତି ସେବା ଇତ୍ୟାଦିରୁ ଆରମ୍ଭ ହୋଇଥିବ ମାତ୍ର ସବୁରି ମୂଳରେ ନେବାକୁ ସେମାନେ ତତ୍ପରତାର ସହ ଚାହିଁଥିବେ । ଏମାନଙ୍କ ପାଖରେ ପହଁଚିଲେ ଏମାନେ ଏତେ ସଂଖ୍ୟକ ଅମକ ଟେଷ୍ଟ, ସମକ ରିପୋର୍ଟ କରିବାକୁ କହିବେ ଯେ ରୋଗୀ ଯଦି ଜରୁରୀ ଅବସ୍ଥାରେ ଥିବ ତାହାହେଲେ ଫଟୋ ହୋଇଯିବାର ସମ୍ଭାବନା ଅଧିକ । ଔଷଧ ଯାହା ଲେଖିବେ ତାହାପୁଣି ନିର୍ଦ୍ଦିଷ୍ଟ ଦୋକାନୀଙ୍କ ପାଖରେ ଥିବ ଏବଂ ସେ ଦୋକାନୀମାନେ ହିଁ ସେହିଠାରେ ଲଟରପଟର ହେଉଥିବେ, ଆପଣମାନଙ୍କୁ ତାଙ୍କ ଦୋକାନକୁ ପାଛୋଟି ନେବାପାଇଁ । ରାସ୍ତାରେ ସେ ଦୋକାନୀମାନେ କହିବେ ଏଇ ଦୋକାନରୁ ହିଁ ସରିଗଲେ ନେବେ ଆଉ କେଉଁଠାରୁ ନେବେନାହିଁ, ନେଲେ ହଇରାଣ ହେବେ । ଆମ ସ୍ଥାନୀୟ ଡାକ୍ତର ତ' ୫୦ ଟଙ୍କା ନେଉଛନ୍ତି ଦେଖିବାକୁ, ସେମାନଙ୍କର ଦର୍ଶନୀ ଶୁଳ୍କ ଏମାନଙ୍କଠାରୁ ଚାରିଗୁଣ । ରୋଗୀଦେଖା ମଝିରେ ବି ବଡ଼ ବଡ଼ ଡାକ୍ତରମାନେ ତାଙ୍କ ସନ୍ତାନମାନଙ୍କୁ ପାଠପଢାରୁ ଆଣିବାକୁ ଯାଆନ୍ତି ଓ ଘରଣୀମାନଙ୍କୁ କର୍ମକ୍ଷେତ୍ରକୁ ଛାଡ଼ିଦେବାକୁ ଯାଆନ୍ତି । ବଦଳି ଯଦି ଅନ୍ୟ କେଉଁଠାକୁ ହେଲା ତେବେ ଏମାନେ ମାସ ମାସ ଛୁଟିରେ ରହି ଦୈନିକ ସକାଳେ ସଂଜେ ୫୦ ଜଣ ରୋଗୀ ଦେଖିଲେ ଟଙ୍କା ୧୦ ହଜାର । ମାସେ ଦୁଇମାସେ ଛୁଟିରେ ରହିଲେ ବରଂ ବେଶୀ ଲାଭ । ଜଣେ ଜଣେ ଡାକ୍ତର ଡାକ୍ତରାଣୀ ତ' ପଇସାକୁ ଏପରି ଚିହ୍ନିଛନ୍ତି ଯେ ଚାକର ଯଦି କିଲେ ଆଳୁରେ ଗୋଟାଏ ପୋକରା କିମ୍ବା ନେଳିଆ, କଟା ଏବଂ ଫଟା ଆଳୁ ଆଣିଥିବ ତେବେ ସେ ଦିନଯାକ ତା' ଉପରେ ଗାରୁ ଗାରୁ ହେଉଥିବେ । ଚିହ୍ନାଲୋକଙ୍କଠୁ ପଇସା ମାଗିପାରିବେନି ବୋଲି ଗାଉଁଲି ସାରୁ, ଅମୃତଭଣ୍ଡା, କଞ୍ଚା କଦଳୀ ଓ ଘିଅ ଆଣିବାକୁ କହିବାକୁ ଭୁଲନ୍ତିନି । ଏତେ ଦରମା ପାଇଲା ପରେ ଏତେ ଲୋଭ ଯେ ଗରିବଗୁରୁବାଙ୍କୁ ବେଶୀ ଶୋଷି ଶୋଷି ନିସ୍ତେଜ କରନ୍ତି । ଚାକର ବାକରଙ୍କୁ ଦରମା ଠିକ୍ ସମୟରେ ଦିଅନ୍ତିନି କି ବେଶୀ ଦିଅନ୍ତିନି । ମଧୁରଭକ୍ତିଆ ସିନା ନାମ, ହେଲେ କାମ ହେଲା ଚରଣ ଚୁଟିଆଙ୍କଠୁ ବି ହୀନ ।''

ସାଙ୍ଗ ଆଉ କିଛି କହିବା ପୂର୍ବରୁ ଦୋକାନୀ ଡାକିଲା ଔଷଧ ନିଅ ନହେଲେ ଦୋକାନ ଆମେ ବନ୍ଦକରିଯିବୁ । ଫେରିବା ରାସ୍ତାରେ ସାଙ୍ଗ କହୁଥିଲା, ''ସେବା ନାମରେ ଏମାନେ ସେବକ ନହୋଇ ନେବା ନାମରେ ନେବକ ସାଜିଛନ୍ତି । ଆଉ କିଛି ଡାକ୍ତରଙ୍କର ତ' ବୟସ ଅଧିକ ହୋଇଯାଇଥିଲେବି ସେମାନଙ୍କର ଛୋପରାମିର ପ୍ରଭାବ ତାଙ୍କ ପାଖରେ ଥିବା ପରିଚାରିକାମାନେ ପଇସା ପାଇଁ ସହିଯାଉଛନ୍ତି । ଭାବୁଥିଲି ଏମାନଙ୍କୁ ମର୍ତ୍ତ୍ୟର ଦେବତା ସଙ୍ଗେ ତୁଳନା କରାଯାଇଛି ହେଲେ ଏମାନଙ୍କର ଦେବତାପରାୟ କୌଣସି ଗୁଣ ନାହିଁ ।'' ଡାକ୍ତରଖାନାର ଅପରେସନ କକ୍ଷରେ ପ୍ରାୟତଃ ଲେଖାଯାଇଥାଏ-''ଆମ୍ଭେ ସେବାକରୁ 'ସେ' ଭଲ କରନ୍ତି ।'' ଡାକ୍ତର ଯଦି ରୋଗୀଙ୍କ ପେଟରେ ଛୁଞ୍ଚ, ଛୁରି ଓ କତୁରି ଛାଡିବା ଆରମ୍ଭ କଲେଣି ତେଣୁ ସେ ଏବେ କେଉଁପ୍ରକାର ଭଲ କରିବେ ଆପଣମାନେ ଭାବନ୍ତୁ ! ହେ ପ୍ରଭୁ ଏ ମର୍ତ୍ତ୍ୟର ଦେବତାମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ, ଏମାନେ ବେଶୀ ଲୋଭୀ ନ ହୁଅନ୍ତୁ । ଏମାନଙ୍କର କାହାର ପୁଅ ନାହିଁ, ଝିଅ ନାହିଁ, ସ୍ତ୍ରୀ ନାହିଁ, କାହାକୁ ବଡ଼ ରୋଗ ମାଡ଼ି ବସିଲାଣି, ତଥାପି ଏମାନଙ୍କର ଲୋଭ ଯାଉନାହିଁ । କିଏ ଜାଣେ ଯିବ କି ନଯିବ । ଗଲେ ଭଲ ନହେଲେ ବି...

# ବିଶ୍ୱ ଅଲମ୍ପିକରେ ଭାରତ !

ପୃଥିବୀର ବିଭିନ୍ନ ପ୍ରସିଦ୍ଧ ନଗରୀରେ ପ୍ରତି ଚାରି ବର୍ଷରେ ଥରେ ବିଶ୍ୱ ସମର ଅଲମ୍ପିକ କ୍ରିଡା ଅନୁଷ୍ଠିତ ହୋଇ ଆସୁଛି ।ଏହି କ୍ରିଡା ମହାକୁମ୍ଭରେ ଯୋଗ ଦେଇ ପଦକ ଜିତିବା ଦେଶ ଓ ବ୍ୟକ୍ତି ପାଇଁ ଅତ୍ୟନ୍ତ ଗୌରବର କଥା ବୋଲି ଧରାଯାଏ । ଭାରତ ମଧ୍ୟ ୧୯୨୦ ମସିହାରୁ ସବୁଥର ବିଭିନ୍ନ ଅଲମ୍ପିକରେ ଯୋଗ ଦେଇ ଆସୁଛି । ବିଶ୍ୱର ଦ୍ୱିତୀୟ ଜନ ବହୁଳ ରାଷ୍ଟ୍ର ହେଲେ ମଧ୍ୟ ଏହାର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟ ଜନକ ରହିଅଛି ଓ ଦୀର୍ଘକାଳ ପର୍ଯ୍ୟନ୍ତ କୌଣସି ପଦକ ଜିତିବାରେ ଭାରତ ସଫଳ ହୋଇ ନଥିଲା । ଅବଶ୍ୟ କିଛି ବର୍ଷ ହେଲା ଏହା ଶୂନ୍ୟ ହାତରେ ନଫେରି କିଛି ପରିମାଣରେ ପଦକ ଜିତି ଭବିଷ୍ୟତ ପାଇଁ ଆଶାର ସଂଚାର କରିଅଛି ।୧୯୦୦ ମସିହାରେ ପରାଧିନ ଭାରତ ତରଫରୁ ଏକ ମାତ୍ର ପ୍ରତିଯୋଗୀ ନରମାନ ପ୍ରିଚାଡ ଫ୍ରିଷ୍ଟାଇଲ କୁସ୍ତିରେ ଯୋଗ ଦେଇ ବ୍ୟକ୍ତିଗତ ଦୁଇଟି ରୌପ୍ୟ ପଦକ ଜିଣି ଏସିଆ ମହାଦେଶର ପ୍ରଥମ ଅଲମ୍ପକ ବିଜେତାର ମାନ୍ୟତା ପାଇଲେ । ଦଳଗତ ଭାବେ ୧୯୨୦ ମସିହାରେ ଆଣ୍ଟରିପ ଅଲମ୍ପିକ ବେଲଜିଅମକୁ ଏକ ତିନିଜଣିଆ କୁସ୍ତି ଦଳ ଯାଇଥିଲେ । ସାର ଦୋରାଜୀ ଟାଟା ଓ ବମ୍ବେର ଗଭର୍ଣ୍ଣର ସାର ଲିଅଡଙ୍କ ପ୍ରଚେଷ୍ଟାରେ ଭାରତ ବିଶ୍ୱ ଅଲମ୍ପିକ କମିଟିର ସଭ୍ୟ ହୋଇ ପାରିଥିଲା ।୧୯୨୪ ପାରିସ ସମର ଅଲମ୍ପିକ କୁ ୭ ଜଣ କୁସ୍ତି ଓ ୭ଜଣ ଟେନିସ ପ୍ରତିଯୋଗୀ ଯୋଗ ଦେଇଥିଲେ । ୧୯୨୪ ଅମଷ୍ଟରଡାମ,୧୯୩୨ ଲସଏଂଜେଲସ,୧୯୩୬ ମସିହା ବର୍ଲିନ ଅଲମ୍ପିକରେ ଭାରତୀ ହକି ଦଳ ଆଶ୍ଚର୍ଯ୍ୟଜନକ ଭାବେ ସ୍ୱର୍ଣ୍ଣ ପଦକ ଜିଣି ଭାରତର କ୍ରିଡା ଜଗତରେ ନୂତନ ଅଧ୍ୟାୟ ସୃଷ୍ଟିକଲା । ଆମେରିକାକୁ ୨୪-୧ ଓ ଜର୍ମାନୀକୁ ଫାଇନାଲରେ ୮-୧ ରେ ପରାସ୍ତ କରି ସର୍ବକାଳିନ ରେକର୍ଡ ସୃଷ୍ଟି କରିଥିଲା । ସମୁଦାୟ ୮ ଟି ସ୍ୱର୍ଣ୍ଣ ପଦକ ଭାରତ ହକିରେ ଏପର୍ଯ୍ୟନ୍ତ ଜିତିଛି ।୧୯୮୦ ରେ ଏହା ଶେଷ ଥର ପାଇଁ ସ୍ୱର୍ଣ୍ଣ ଜିତିଥିଲା । ହକି ଖେଳାଳୀ ଧ୍ୟାନଚାନ୍ଦଙ୍କୁ ନିଜର ବିଚକ୍ଷଣତା ପାଇଁ ହକି ଖେଳର ଯାଦୁକର ବୋଲି କୁହାଗଲା । ସ୍ୱାଧିନତା ପରେ ୧୯୪୮ ମସିହା ଲଣ୍ଡନ ଓ୧୯୫୨ ମସିହା ହେଲସିଙ୍କି ଅଲମ୍ପିକରେ ଭାରତ ହକିରେ ପ୍ରାଧାନ୍ୟ ବିସ୍ତାର କରି ଗ୍ରେଟ-ବ୍ରିଟେନ ଓ ପାକିସ୍ଥାନକୁ ପରାସ୍ତ କରି ସ୍ୱର୍ଣ୍ଣପଦକ ଜିତିଥିଲା ୧୯୫୨ ମସିହାରେ ରେସଲର କେ .ଡି.ଯାଦବ ଭାରତ ପାଇଁ ଏକ ରୌପ୍ୟ ପଦକ ଜିତଲେ । ସ୍ୱାଧିନତା ପରେ ଏହା ପ୍ରଥମ ବ୍ୟକ୍ତିଗତ ପଦକ ।୧୯୫୬ ମସିହା ମେଲବର୍ଣ୍ଣ ଅଲମ୍ପିକରେ ହକିରେ ସ୍ୱର୍ଣ୍ଣ ପଦକ ଜିତି ବିଜୟ ଧାରା ଅବ୍ୟାହତରଖିଲା ।୧୯୬୦(ରୋମ) ମସିହାରେ ଭାରତ ହକିରେ ରୌପ୍ୟ ପଦକ ଓ ପରବର୍ତ୍ତି ୧୯୬୪(ଟୋକିଓ) ରେ ସ୍ୱର୍ଣ୍ଣ ପଦକ ପାଇ, ଦୁଇ ଅଲମ୍ପିକ(୧୯୬୮,୧୯୭୨) ରେ କାଂଶ ପଦକ ପାଇ ସନ୍ତୁଷ୍ଟ ହୋଇଥିଲା । ୧୯୭୬ ମସିହା ଅଲମ୍ପିକ(ମଣ୍ଟ୍ରିଲ)ରେ ଭାରତ ଶୂନ୍ୟ ହାତରେ ଫେରିଥିଲା ।୧୯୮୦ ମସିହା ମସ୍କୋ ଅଲମ୍ପିକରେ ଭାରତ ହକିରେ ପୁଣ ସ୍ୱର୍ଣ୍ଣ ପଦକ ପାଇଲା । ଅବଶ୍ୟ ମସ୍କୋ


ଡାଃ ସୁରେନ୍ଦ୍ର ନାଥ ଦାଶ

ଅଲମ୍ପିକ କୁ ପାଶ୍ଚାତ୍ୟ ପୁଞ୍ଜିବାଦୀ ରାଷ୍ଟ୍ର ମାନେ ବର୍ଜନ କରିଥିଲେ । ପରବର୍ତ୍ତି ତିନୋଟି ଅଲମ୍ପିକରେ ଭାରତ କୌଣସି ପଦକ ପାଇ ନଥିଲା ।୧୯୯୬ ମସିହା ଆଟଲାଣ୍ଟା ଅଲମ୍ପିକରେ ଟେନିସ ଖେଳାଳି ଲେଣ୍ଡର ପିସା ଏକ ବ୍ରୋଞ୍ଜ ମେଡାଲ ଜିତି ୧୯୫୨ ମସିହାପରେ ଦ୍ୱିତୀୟ ବ୍ୟକ୍ତିଗତ ପଦକ ଜିତିଥିଲେ । ୨୦୦୦ ମସିହା ସିଡନି ଅଲମ୍ପିକ ରେ ଭାରତ ର ପ୍ରଥମ ମହିଳା ଖେଳାଳୀ କରଣ ମାଲେଶ୍ୱରୀ ଭାରୋତ୍ତୋଳନରେ ବ୍ରୋଞ୍ଜ ମେଡାଲ ଜିତିଥିଲେ । ୨୦୦୪ ମସିହା ଏଥେନସ ଅଲମ୍ପିକ ରେ ରାଜବର୍ଦ୍ଧନ ରାଠୋର ସୁଟିଙ୍ଗରେ ରୌପ୍ୟ ପଦକ ଜିତିଥିଲେ ।୨୦୦୮ ମସିହାରେ ବେଜିଂ ଅଲମ୍ପିକରେ ଅଭିନବ ବିନ୍ଦ୍ରା ଏୟାର ରାଇଫଲରେ ଏକ ସ୍ୱର୍ଣ୍ଣ ପଦକ ଜିତି ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣ ଜିତିଥିଲେ । ସେହି ବର୍ଷ ବିଜେନ୍ଦ୍ର ସିଂ ବକ୍ସିଙ୍ଗରେ ଏକ ବ୍ରୋଞ୍ଜ ମେଡାଲ ପାଇଥିଲେ ଓ ସୁଶିଲକୁମାର କୁସ୍ତିରେ ବ୍ରୋଞ୍ଜ ମେଡାଲ ଜିଣିଥିଲେ । ୨୦୧୨ ରେ ଲଣ୍ଡନ ଅଲମ୍ପିକ ରେ ଭାରତ ୬ ଟି ପଦକ ଜିଣିଲା । ସୁଶିଲ କୁମାର କୁସ୍ତି ରେ ରୌପ୍ୟ ପଦକ ଜିଣି ଏକାଧିକ ପଦକ ବିଜେତାର ସ୍ଥାନ ପାଇଲେ । ସାଇନା ନେଓ୍ୱାଲ ଟେନିସ ରେ ବ୍ରୋଞ୍ଜ,ମେରି କୋମ ବକ୍ସିଙ୍ଗ ରେ ବ୍ରୋଞ୍ଜ ଜିତିଲେ । ୨୦୧୬ ରେ ବ୍ରାଜିଲର ରିଓ ଡି ଜେନିରା ଅଲମ୍ପିକରେ ଭାରତ ଦୁଇଟି ପଦକ ପାଇଲା । ପିଭି ସିନ୍ଧୁ ଟେନିସ ରେ ରୌପ୍ୟ ଓ ସାକ୍ଷି ମଲିକ ରେସଲିଙ୍ଗରେ କାଂଶ ପଦକ ଜିଣିଥିଲେ ।୨୦୨୦ରେ ହେବାକୁ ଥିବା ଅଲମ୍ପିକ୨୦୨୧ରେ ଟୋକିଓ ଠାରେ ଅନୁଷ୍ଠିତ ହେଇଛି । ଭାରତର ସାଇକମ ମିରାବାଇ ଚାନୁ ଭାରତ୍ତୋଳନରେ ପ୍ରଥମ ଦିନ ଏକ ରୌପ୍ୟ ପଦକ ଜିଣିଲେ । ସାଇନା ସିନ୍ଧୁ ଟେନିସରେ ବ୍ରୋଞ୍ଜ ଜିଣି ଏକା ଧିକ ପଦକ ଜିତିବାର ଦ୍ୱିତୀୟ ବ୍ୟକ୍ତି ହେଲେ । ଫିଲଡ ହକିରେ ଭାରତ ବ୍ରୋଞ୍ଜ ଜିଣିଛି । ସମୁଦାୟ ୭ ଟି ପଦକ ଭାରତ ଜିତିଲାଣି । ନିରଜ ଚୋପ୍ରା ଫିଲଡ ଆଣ୍ଡ ଟ୍ରାକରେ ଏକ ସ୍ୱର୍ଣ୍ଣ ପଦକ ଜିଣି ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିଣିବାରେ ଦ୍ୱିତୀୟ ଭାରତୀୟ ହେଲେ । ।ତାଙ୍କ ବିଜୟରେ ସାରା ଦେଶରେ ବିଜୟ ଉତ୍ସବ ପାଳିତ ହେଉଛି ।ଏହି ଅଲମ୍ପିକରେ ଆମର ପାରମ୍ପରିକ ପ୍ରତିଦ୍ୱନ୍ଦୀ ଚିନ ୩୬ ଟି ସ୍ୱର୍ଣ୍ଣ ପଦକ ଜିଣି ସାରିଲାଣି । ଆମେରିକା ୩୩ ଟି ସ୍ୱର୍ଣ୍ଣ ସହ ସମୁଦାୟ ୯୯ ଟି ପଦକ ଜିଣି ଶୀର୍ଷରେ ଅଛି । ଜାପାନ ଓ ବ୍ରିଟେନ ୩ ଓ୪ ସ୍ଥାନ ରେ ଅଛନ୍ତି । ଅଲମ୍ପିକ ଇତିହାସରେ ପଦକ ତାଲିକାରେ ଆମେରିକା ସବୁଠାରୁ ଶୀର୍ଷରେ ଅଛି । ଋଷିଆ ଦ୍ୱିତୀୟ ଓ ବ୍ରିଟେନ ତୃତୀୟ ସ୍ଥାନରେ ଅଛି । ଭାରତର ସ୍ଥାନ ୫୫,ଥାଇଲାଣ୍ଡର ତଳେ । ବିରାଟ ଦେଶ ହୋଇ ବାରମ୍ବାର ନୈରାଶ୍ୟ ଜନକ ପ୍ରଦର୍ଶନ ଅତ୍ୟନ୍ତ ପରିତାପର ବିଷୟ । ଦୀର୍ଘ ଦିନ ଧରି ପ୍ରାଧାନ୍ୟ ବିସ୍ତାର କରିଥିବା ହକି ମଧ୍ୟ ଆମ ହାତରୁ ଖସି ଗଲାଣି । ୧୯୬୪ ମସିହାରୁ ଆରମ୍ଭ ହୋଇଥିବା ଶୀତ କାଳୀନ ଅଲମ୍ପିକରେ ଭାରତ ଏପର୍ଯ୍ୟନ୍ତ ଗୋଟାଏ ପଦକ ଜିତିନାହିଁ । ଛୋଟ ଛୋଟ ଦେଶ ମାନେ ନିଜ ମାଟିରେ ଅଲମ୍ପିକ କରିଲେ ମଧ୍ୟ ଆମେ ବିଚାର ସ୍ତରକୁ ଆସିନାହୁଁ । ଦ୍ୱିତୀୟ ବିଶ୍ୱ ଯୁଦ୍ଧ ରେ ଧ୍ୱଂସ ହୋଇ ମଧ୍ୟ ଜାପାନ ନିଜ ମାଟିରେ ଦୁଇଥର ଅଲମ୍ପିକ କରି ସାରିଲାଣି । ବିଶ୍ୱ ପ୍ରଗତି ପାହାଚରେ ଆମ ସ୍ଥାନ କେତେ ତଳେ ତାହା ଏଥିରୁ ସହଜରେ ବୁଝି ହୁଏ । ଏପର୍ଯ୍ୟନ୍ତ ଭାରତ ସମୁଦାୟ ୩୦ ଟି ପଦକ ଜିତିଛି । ସେଥିରୁ କେବଳ ୧୧ଟି ହକିରେ ଜିତିଛି । ୧୦ ଟି ସ୍ୱର୍ଣ୍ଣ ମଧ୍ୟରୁ ହକିରେ ଆଠଟି ଓ ଅରବିନ୍ଦ ବିନ୍ଦ୍ରା ଓ ନିରଜ ଚୋପ୍ରା ଦୁଇଟି ବ୍ୟକ୍ତିଗତ ଜିତିଛନ୍ତି । ଆମେରିକା ଏ ପର୍ଯ୍ୟନ୍ତ ୨୫୦୦ ରୁ ଉର୍ଦ୍ଧ ପଦକ ଜିତି ସାରିଛି । ଉପଯୁକ୍ତ ପ୍ରୋତ୍ସାହନ ମିଳିଲେ ନୂଆ ପିଢିର ଯୁବକ ମାନେ ନିଶ୍ଚୟ ଭବିଷ୍ୟତରେ ଆହୁରି ଅଧିକ ଚିତାକର୍ଷକ କ୍ରୀଡା ପ୍ରଦର୍ଶନ କରିପାରିବେ,ଏଥିରେ ସନ୍ଦେହ ନାହିଁ ।

ଓଡ଼ିଶା ନ୍ୟୁଜ୍ ସର୍ଭିସ୍,




# କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

## ବ୍ଲେଣ୍ଡର୍ସ ପ୍ରାଇଡ ପକ୍ଷରୁ ଡିଜାଇନର ମନିଷ୍ ମଲହୋତ୍ରାଙ୍କ ସହିତ ଲିମିଟେଡ୍ ଏଡିସନ୍ ପ୍ୟାକ୍‌ର ଶୁଭାରମ୍ଭ

ଜୁଲାଇ : ପ୍ରିମିୟମ ହ୍ୱିସ୍କି ବର୍ଗରେ ଅଦ୍ୱିତୀୟ ଲିଡର, ସିଗ୍ରାମର ବ୍ଲେଣ୍ଡର୍ସ ପ୍ରାଇଡ୍ ଏହାର ଲିମିଟେଡ୍ ଏଡିସନ ପ୍ୟାକକୁ ପ୍ରସିଦ୍ଧ ଡିଜାଇନର ମନିସ୍ ମଲହୋତ୍ରାଙ୍କ ସହଯୋଗରେ ପ୍ରସ୍ତୁତ କରିଛି। ଏହି ଲିମିଟେଡ୍ ଏଡିସନ ପ୍ୟାକ ଡିଜାଇନରଙ୍କ ସୁନ୍ଦର ଶିଳ୍ପର ପ୍ରତିନିଧିତ୍ୱ କରିଥାଏ ଏବଂ ଗ୍ରାହକମାନଙ୍କୁ 'ଷ୍ଟାରଡମ୍ ର ସ୍ୱାଦ' ଉପଭୋଗ କରିବା ପାଇଁ ଆମନ୍ତ୍ରିତ କରୁଛି । ଏହି ପ୍ୟାକ୍ ଏକ ସୁନ୍ଦର ଷ୍ଟାଇଲ ସୃଷ୍ଟି କରୁଛି, ଯାହାକି 'ମାଇଁ କ୍ରାଫ୍ଟ, ମାଇଁ ପ୍ରାଇଡ' କୁ ଦର୍ଶାଇଥାଏ। ଏହାକୁ ସ୍ମୁଥ ବ୍ଲେଣ୍ଡ୍‌ରେ ଦକ୍ଷତାପୂର୍ଣ୍ଣ ଭାବରେ ପ୍ରସ୍ତୁତ କରାଯାଇଛି। ଦକ୍ଷତାର ସହିତ ପ୍ରସ୍ତୁତ ସ୍ମୁଥ ବ୍ଲେଣ୍ଡ୍ ଦ୍ୱାରା ଅନୁପ୍ରେରିତ ଏହି ଲିମିଟେଡ୍ ଏଡିସନ ପ୍ୟାକରେ ରହିଛି ୱାର୍ମ ମେଟାଲିକ୍ ଆକ୍ସେସ୍ ଓ ଟୋନ୍ସ ଯାହା ଗ୍ଲାମର, ସେଲିବ୍ରେସନ ଏବଂ ଲାଇଫଷ୍ଟାଇଲର ଭାବନା ସୃଷ୍ଟି କରେ। ମନିଷ ମଲହୋତ୍ରାଙ୍କ ୩୦ ବର୍ଷର ଅଭିଜ୍ଞତା ସମ୍ବଳିତ ପ୍ୟାକ୍ କୁ ଅତ୍ୟ' ସୁନ୍ଦର ଭାବରେ ପ୍ରଦର୍ଶିତ କରାଯାଇଛି। ବ୍ଲେଣ୍ଡର୍ସ ପ୍ରାଇଡର ଏହି ଲିମିଟେଡ୍ ଏଡିସନ ପ୍ୟାକଟି ହୁଇସ୍କି ବିଶେଷଜ୍ଞଙ୍କ ପାଇଁ ୧୫ ଟି ବଜାରରେ ଉପଲବ୍ଧ ଅଟେ। ଏହି ଲିମିଟେଡ୍ ଏଡିସନ ପ୍ୟାକର ଶୁଭାରମ୍ଭ ଅବସରରେ କାର୍ତ୍ତିକ ମହିନ୍ଦ୍ରା, ଚିଫ୍ ମାର୍କେଟିଂ ଅଫିସର, ପର୍ଣ୍ଣଡ ରିକାର୍ଡ଼ ଭାରତ କହିଛନ୍ତି ଯେ, ''ବ୍ଲେଣ୍ଡର୍ସ ପ୍ରାଇଡ୍ ର ଲିମିଟେଡ୍ ଏଡିସନ ପ୍ୟାକ ପ୍ରତିଷ୍ଠିତ ବିଶ୍ୱ ପୁରସ୍କାର ବିଜେତା ଫାଇନ୍ ହୁଇସ୍କି ଏବଂ ପ୍ରସିଦ୍ଧ ଡିଜାଇନର ମନିଷ ମଲହୋତ୍ରା ସହିତ ଆମର ସହଯୋଗ ଉଭୟ ଜରିଆରେ, ସମୃଦ୍ଧ ଶିଳ୍ପକୌଶଳର ଉଦାହରଣ ଅଟେ।

# ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଉପଲକ୍ଷେ ଜେ ଏସ୍ ଏଫ୍ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ







ଭୁବନେଶ୍ୱର : ଆଜି ପୂର୍ବାହ୍ନ ୧୧ଘଟିକା ସମୟରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଅବସରରେ ଜେ.ଏସ୍.ଏଫ୍ ପକ୍ଷରୁ ଉତ୍କଳ ସାମ୍ବାଦିକ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜେ.ଏସ୍.ଏଫ୍‌ର ସର୍ବଭାରତୀୟ ସଭାପତି ଅନିଲ୍ ଚୌଧୂରୀଙ୍କ ନିର୍ଦ୍ଦେଶ କ୍ରମେ ଭାରତରେ ସବୁ ନାଗରିକଙ୍କ ପାଇଁ ଦୁଇଟି ସନ୍ତାନ ଆଇନ୍‌କୁ ବାଧ୍ୟତାମୂଳକ କରି ଆଇନ୍ ପ୍ରଣୟନ କରିବାକୁ ସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କ ଜରିଆରେ ଜନସଂଖ୍ୟା ସ୍ଥିରତା ପକ୍ଷ (ଚଳିତମାସ ଜୁଲାଇ ୧୧ରୁ ଜୁଲାଇ ୨୪) ରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବାର ନିଷ୍ପତି ନିଆଯିବା ସହ ଜୁଲାଇ ୯ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ବିଏମ୍‌ସି କମିଶନରଙ୍କ ଜରିଆରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ଏସଂକ୍ରାନ୍ତିରେ ଦାବିପତ୍ର ପ୍ରଦାନ କରାଯାଇ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବାର ନିଷ୍ପତି ନିଆଯାଇଛି ବୋଲି ଜେ.ଏସ୍.ଏଫ୍‌ର ରାଜ୍ୟ ସଭାପତି ବିପିନ୍ ଦାସ କହଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ, ଭାରତରେ ଅସନ୍ତୁଳିତ ଜନସଂଖ୍ୟା ବିସ୍ଫୋରଣ କେବଳ ସାମାଜିକ ସମସ୍ୟା ତିଆରି କରୁନାହିଁ ତା' ସହିତ କୁପୋଷଣ, ଅପପୃଷ୍ଟି ଆଦି ସ୍ୱାସ୍ଥ୍ୟଗତ ସମସ୍ୟା ସାଙ୍ଗକୁ ଅପରାଧ, ଆତଙ୍କବାଦ, ପାନୀୟ ଜଳର ଅଭାବ, ଗରିବୀ, ପରିବେଶ ପ୍ରଦୂଷଣ, ଜଳବାୟୁରେ ପରିବର୍ତନ,ବେକାରୀ ସଂଖ୍ୟା ବୃଦ୍ଧି, ଜଙ୍ଗଲ ନଷ୍ଟ ହେବା ସାଙ୍ଗକୁ କୃଷି ଜମିର ପରିମାଣ ତୀବ୍ର ଗତିରେ କମିବାରେ ଲାଗିଛି । ବିପୁଳ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଆମ ଦେଶର ସରକାର ପ୍ରଦାନ କରୁଥିବା ଜନହିତକାରୀ ଯୋଜନାଗୁଡିକ ସମସ୍ତଙ୍କ ନିକଟରେ ପହଂଚିପାରୁନାହିଁ । ଯାହାର ସଦ୍ୟ ଉଦାହରଣ ହେଉଛି ମହାମାରୀ କରୋନା ପ୍ରତିଷେଧକ ବ୍ୟବସ୍ଥା ଓ ସଚେତନତା। ଏହାଛଡା ଜନସଂଖ୍ୟାର ସୁଚିନ୍ତିତ ବିସ୍ଫୋରଣ ଆଗାମୀ ଦିନରେ ଆମ ଦେଶରେ ସନାତନ ଧର୍ମ ଓ ହିନ୍ଦୁ ସଂସ୍କୃତିକୁ ଇତିହାସରେ ପରିଣତ କରିଦେବା ଭଳି ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି। ଜନସଂଖ୍ୟା ବିସ୍ଫୋରଣ ରୋକିବା ପାଇଁ ଆମର ଏହି ଜନସଂଖ୍ୟା ସମାଧାନ ଫାଉଣ୍ଡେସନ୍ ନାମକ ସଂସ୍ଥା ବିଗତ ତେରବର୍ଷ ହେଲା ଦେଶର ପ୍ରାୟ ସବୁ ରାଜ୍ୟରେ ଜନ ସଚେତନତା ସୃଷ୍ଟି କରିବା ସହ ବିଭିନ୍ନ ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସିଛି । ଜନ ସଚେତନତା ଓ ସ୍ଥାନୀୟ ସରକାରଙ୍କ ଆଗ୍ରହ ଯୋଗୁଁ ଉତରପ୍ରଦେଶ ଓ ଆସାମରେ ସବୁ ନାଗରିକଙ୍କ ପାଇଁ ଦୁଇ ସନ୍ତାନ ନୀତି ପ୍ରଣୟନ କରିବାକୁ ସେଠାକାର ସରକାର ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଠିକ୍ ସେହିପରି ଆମ ରାଜ୍ୟରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ଜେ.ଏସ୍.ଏଫ୍ ବିଗତ ଏକବର୍ଷ ହେଲା ବିଭିନ୍ନ ସ୍ଥାନରେ ବିକ୍ଷୋଭ, ସେମିନାରମାନ ଆୟୋଜିତ କରିଛି ଏବଂ ଏଥିସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ବିଭିନ୍ନ ସମୟରେ ଦାବୀପତ୍ର ମଧ ପ୍ରଦାନ କରିଛି । ଏହି ସମ୍ବାଦିକ ସମ୍ମିଳନୀରେ ଜେ.ଏସ୍.ଏଫ୍ ରାଜ୍ୟ ସଭାପତି ଶ୍ରୀ ଦାସଙ୍କ ସମେତ ସଙ୍ଗଠନର ରାଜ୍ୟ ସାଧାରଣ ସମ୍ପାଦକ ଦିଲ୍ଲୀପ ସ୍ୱାଇଁ ଏବଂ ସୂର୍ଯ୍ୟ ନାରାୟଣ ଦାସ, ରାଜ୍ୟ ସଙ୍ଗଠନ ସମ୍ପାଦକ ମିହିର ପାଣି, ସହ ସଂଯୋଜିକା ସିପ୍ରା ହୀରା, ରାଜ୍ୟ ଉପସଭାପତି ସରୋଜ ସାହୁ,ସଙ୍ଗଠନର ଯୁବ ସାମ୍ମୁଖ୍ୟ ସଭାପତି ସୁଶୀଳ ଛୁଆଲସିଂ ଓ କାର୍ଯ୍ୟକାରୀ ସଭାପତି ଶ୍ରୀକୁମାର ପୁରୋହିତ, ରାଜ୍ୟ ସୋସିଆଲ୍ ମିଡିଆ ପ୍ରଭାରୀ ଦିଲ୍ଲୀପ ସାହୁ, ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲାର ସଭାପତି ଅଜୟ ସାମନ୍ତିରାୟ, ଜିଲ୍ଲା ସାଧାରଣ ସମ୍ପାଦକ ସୁରେଶ ମହାରଣା , କଟକ ଜିଲ୍ଲାର ସଭାପତି ବସନ୍ତି କୁମାର ସାହୁ ଏବଂ ଖୋର୍ଦ୍ଧା ଜିଲ୍ଲାର ସଭାପତି ଜୟନ୍ତି ଶିଶୁ ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଂଟି ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୂତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

## କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବଙ୍କୁ ବାଲେଶ୍ୱର ବାସୀଙ୍କ ପକ୍ଷରୁ ବଧାଇ

ବାଲେଶ୍ୱର: ମହାବାତ୍ୟା ସମୟରେ ବାଲେଶ୍ୱରରେ ଜିଲ୍ଲାପାଳ ଥିବା ଅଶ୍ୱିନୀ କୁମାର ବୈଷ୍ଣବ ଏବେ ବି ବାଲେଶ୍ୱର ବାସୀଙ୍କର ସ୍ମରଣୀୟ ହୋଇ ରହିଛନ୍ତି। ଓଡ଼ିଶା ବିଧାନ ସଭାରୁ ରାଜ୍ୟ ସଭାକୁ ସଦସ୍ୟ ଭାବେ ନିର୍ବାଚିତ ହୋଇ ବର୍ତ୍ତମାନ କେନ୍ଦ୍ରମନ୍ତ୍ରୀ ମଣ୍ଡଳରେ ଗୁରୁତ୍ୱ ପୂର୍ଣ୍ଣ ବିଭାଗ ରେଳବାଇ ଓ ଆଇଟି ବିଭାଗରେ ମନ୍ତ୍ରୀ ପଦରେ ନିଯୁକ୍ତି ପାଇଥିବା ଶ୍ରୀଯୁକ୍ତ ବୈଷ୍ଣବଙ୍କ ପାଖରୁ ବେଶ ବହୁତ କିଛି ଆଶା କରୁଛି। ବିଶେଷ କରି ବାଲେଶ୍ୱରରେ ସେ ଜିଲ୍ଲାପାଳ ଥିଲା ବେଳେ ଅନେକ ଉନ୍ନତି ମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଜନତାଙ୍କ ବେଶ ଆସ୍ଥାଭାଜନ ହୋଇଥିଲେ। ତାଙ୍କୁ ଏବେ ଯେଉଁ ଗୁରୁ ଦାୟିତ୍ୱ ମିଳିଛି ସେଥି ନେଇ ଓଡ଼ିଶା ସମ୍ମିଳିତ କର୍ମଜୀବି ସାମ୍ବାଦିକ ସଂଘ ବାଲେଶ୍ୱର ଜିଲ୍ଲା ଶାଖା ସଭାପତି ବରିଷ୍ଠ ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତି, ସମ୍ପାଦିକା ଅପର୍ଣ୍ଣା ପଣ୍ଡା, ସୁଶାନ୍ତ ପ୍ରଧାନ, ତାପସ କୁମାର ସାହୁ, ଭୁପତି ପରିଡ଼ା, କବିତାବାଳା ମାନ୍ଧାତା, ଜୟଶ୍ରୀ ବିଶ୍ୱାଳ, କଞ୍ଚମଣି ସ୍ୱାଇଁ ଓ ସର୍ବଭାରତୀୟ ସଭାପତି ଡ଼. ପିତବାସ ମିଶ୍ର, ରାଜ୍ୟ ସଭାପତି ଭାଗବତ ତ୍ରିପାଠି, ସାଧାରଣ ସମ୍ପାଦକ ତପନ ମହାରଣ୍ୟ ଶର୍ମା, ଅର୍ଜୁନ ମୁଦୁଲି ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଅପର୍ଣ କରିଛନ୍ତି। ଓଡ଼ିଶା ରେଳବାଇ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ନେବା ସାଙ୍ଗକୁ ରାଜ୍ୟ ତଥା ସର୍ବଭାରତୀୟ ସାମ୍ବାଦିକମାନଙ୍କୁ ରେଳ ଯାତ୍ରାରେ ସ୍ୱତନ୍ତ୍ର ରିହାତି ପଦକ୍ଷେପ ନେବା ପାଇଁ ଦାବି ଜଣାଇଛନ୍ତି।

# ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ପରିସରରେ ବିଭିନ୍ନ ପ୍ରଜାତିର ଫଳ ଚାରା ରୋପଣ




ବାରିପଦା: ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ପରିସରରେ ବିଭିନ୍ନ ପ୍ରଜାତିର ଫଳ ଚାରା ରୋପଣ ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ବାରିପଦା ଡିଭିଜନାଲ ଫରେଷ୍ଟ ଅଫିସର ସଂୋଷ କୁମାର ଜୋଷୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ସେ ନିଜେ ମହାବିଦ୍ୟାଳୟ ପରିସରରେ ଫଳ ଚାରା ରୋପଣ କରିବା ସହିତ ବୃକ୍ଷ ହିଁ ଜୀବନ ବୋଲି କହିବା ସହିତ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଛାତ୍ରଛାତ୍ରୀମାନେ ବନ ବିଭାଗ ଦ୍ୱାରା ଯୋଗାଇ ଦିଆଯାଇଥିବା ଚାରାକୁ ନେଇ ନିଜ ନିଜ ବାଡି ବଗିଚାରେ ଲଗାଇବାକୁ ପରାମର୍ଶ ଦେଇଥିଲେ । ପିଠାବଟା ରେଞ୍ଜର ଲକ୍ଷ୍ମୀଧର ବେହେରା ଏବଂ ଫରେଷ୍ଟ ଗାର୍ଡ କୃଷ୍ଣଚନ୍ଦ୍ର ଦେ ଚାରା ରୋପଣ କରିଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ସଂଯୋଜକ ଡକ୍ଟର ଶୁଭେନ୍ଦୁ କୁମାର ଦାସ ଏବଂ ମୟୂରଭ ଜିଲ୍ଲା ଏନ.ଏସ.ଏସ. କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ସ୍ମୃତି ରଂଜନ ଦାସ ଛାତ୍ରଛାତ୍ରୀମାନଙ୍କର ଚାରା ରୋପଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଅଧକ୍ଷ ପ୍ରଦୀପ ନାୟକ, ଉପାଧକ୍ଷା ସଂଘମିତ୍ରା ରାଉତ, ଅଧାପିକା ସାଗରୀକା ପଣ୍ଡା, ଏନ.ଏସ.ଏସ. ପ୍ରୋଗ୍ରାମ ଅଫିସର ମୀରା ସେନାପତି ଏବଂ ବିଜୟା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଁଛକ୍ଷ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଂକ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ଆଇନ୍ ମହାବିଦ୍ୟାଳୟରେ ଭାଗବତ ପ୍ରସାଦ ମହାନ୍ତିଙ୍କ ଜୟନ୍ତୀ ପାଳିତ

କେନ୍ଦ୍ରାପଡ଼ା : ସମାଜବାଦୀ ଚିନ୍ତାଧାରାର ସତ୍ୟନିଷ୍ଠ ପ୍ରବକ୍ତା, ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶର ପ୍ରତୀକ ଓ ବିଶିଷ୍ଟ ଆଇନଜୀବୀ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ୯୪ତମ ଜୟନ୍ତୀ ଉତ୍ସବ କୋଭିଡ-୧୯ କଟକଣା ମଧ୍ୟରେ ଦୀନବନ୍ଧୁ ସାହୁ ଆଇନ୍ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡଃ. ନରହରି ଲେଙ୍କାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। 'ଲଙ୍ଗଳ ଯାହାର ଜମି ତାହାର' ଆହ୍ୱାନ ଦେଇ ସେ ଗରିବ କୃଷକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଜମିଦାରମାନଙ୍କର ନିର୍ଯ୍ୟାତନାର ଶିକାର ହୋଇଥିଲେ । ପରବର୍ତ୍ତୀ ସମୟରେ ଓଡିଶା ଭାଗଚାଷ ଆଇନ୍ ପ୍ରଣୟନର ମୁଖ୍ୟ ପୁରୋଧା ହୋଇ ଗରିବ ଭାଗଚାଷୀମାନଙ୍କ ଅଧିକାର ସାବ୍ୟସ୍ତ କରାଇବାରେ ଯେଉଁ ସଫଳତା ହାସଲ କରିଥିଲେ ତାହା ଚିର ସ୍ମରଣୀୟ ହୋଇ ରହିବ । ମହାବିଦ୍ୟାଳୟର ଅଧାପକ ଶରତ ଚନ୍ଦ୍ର ସାହୁ, ଡଃ. ଚିରଞ୍ଜିବୀ ପଣ୍ଡା, ତିମିରକାନ୍ତ ପରିଡ଼ା, ରାଜକିଶୋର ମହାନ୍ତି, ବରିଷ୍ଠ କର୍ମଚାରୀ କୃପାସିନ୍ଧୁ ସାହୁ ଓ ନରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ଶେଷରେ ଅବନୀ ରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଶାରଦା ପ୍ରସାଦ ମହାନ୍ତି, ରମେଶ ଚନ୍ଦ୍ର ପଲାଇ, ଅଭୟ କୁମାର ମହାନ୍ତି, ଇବ୍ରାର୍ ଖାଁ, ରମେଶ କୁମାର ସ୍ୱାଇଁ, ବଳରାମ ଦାସ, କେଶବ ଗୋଛାୟତ, ରାମ ବାହାଦୁର୍, ବିଶୋକ ମହାନ୍ତି, ଆପସନା ବେଗମ୍ ଓ ବାସନ୍ତି ରଣା ସଭା ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଦୁହୁରିଆସ୍ଥ କୁଷ୍ଠାଶ୍ରମର ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ ଓ କଲେଜ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଛକ୍ଷ୍ପ;ନ ଭିତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଛକ୍ଷ୍ପ;ରନେଟ ଅଫ୍ ଥିଙ୍ଗସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

## ଚଣ୍ଡିଖୋଲ ଟ୍ରାଫିକ୍ ଥାନାରେ ଯୋଗଦେଲେ ନୂତନ ଅଧିକାରୀ

ଧର୍ମଶାଳା: ଯାଜପୁର ଜିଲା ଚଣ୍ଡିଖୋଲସ୍ଥିତ ଟ୍ରାଫିକ୍ ଥାନାର ଥାନା ଅଧିକାରୀ ଭାବେ ଶ୍ରମଣ କୁମାର ମହାରଣା ଯୋଗ ଦେଇଛନ୍ତି। ସେ ଗଜପତି ଜିଲା ରାୟଗଡା ଥାନାରେ କାର୍ଯ୍ୟ କରୁଥିବା ବେଳେ ବଦଳି ହୋଇ ଚଣ୍ଡିଖୋଲ ଟ୍ରାଫିକ୍ ଥାନାକୁ ଆସିଛନ୍ତି। ପୂର୍ବରୁ ଟ୍ରାଫିକ୍ ଥାନାଧିକାରିଣୀ ଭାବେ ବିଜୟିନୀ ମଲ୍ଲ ଦାୟିତ୍ୱ ତୁଲାଉ ଥିଲେ । ତାଙ୍କର ବାଲିଚନ୍ଦ୍ରପୁର ଥାନାକୁ ବଦଳି ହେବା ପରେ ଟ୍ରାଫିକ୍ ଥାନାଧିକାରୀ ପଦବୀ ଖାଲି ପଡିଥିଲା ।




# କୋଭିଡ ଦ୍ୱିତୀୟ ଲହରର ପ୍ରଥମ ସଟଡାଉନରେ କେନ୍ଦ୍ରାପଡା ସହର ଜନଶୂନ୍ୟ

କେନ୍ଦ୍ରାପଡ଼ା (ପିଏନ୍): କୋଭିଡ - ୧୯ର ଦ୍ୱିତୀୟ ଲହରର ପ୍ରଥମ ସଟଡାଉନ ଘୋଷଣା ପରେ ଶନିବାର କେନ୍ଦ୍ରାପଡା ସହର ଜନଶୁନ୍ୟ ହୋଇପଡିଥିବା ଦେଖିବାକୁ



ମିଳିଛି । କରୋନା ସଂକ୍ରମଣର ଦ୍ୱିତୀୟ ଲହରକୁ ନେଇ ରାଜ୍ୟ ସରକାରଙ୍କ ଘୋଷଣା ଓ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶନାମା ଜାରି ପରେ ଜନସାଧାରଣ ସଚେତନ ହୋଇପଡିଥିବା ଯୋଗୁଁ ନିହାତି ଜରୁରୀ ଆବଶ୍ୟକତା ନଥିଲେ ଘରୁ ପଦାକୁ ବାହାରିବାକୁ ଉଚିତ ମଣିନଥିବା ଦେଖାଯାଇଛି । କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଇଛାପୁର, କେଶପୁର ବଜାର, ସାନ୍ତସାହି, ମଢିଆଳ, ପୁରୁଣାବସଷ୍ଟାଣ୍ଡ, ବଡହାଟ, କାକଟ, ଗଣାମାହାଲ, ନୂଆବସଷ୍ଟାଣ୍ଡ, ବଣିଆମାଳ, ମହିପାଳ, କଜଳା, ତିନିମୁହାଣିଛକ ପ୍ରଭୃତି ସ୍ଥାନରେ ରାସ୍ତା ଗୁଡିକ ଶୁନଶାନ ଥିବା ଦେଖିବାକୁ ମିଳିଛି । ଏସବୁ ସ୍ଥାନ ଗୁଡିକରେ ବିଶେଷ ଭାବରେ ପୋଲିସ ବ୍ୟବସ୍ଥା ନଥାଇ ମଧ ଲୋକମାନେ ରାସ୍ତା ଉପରକୁ ଆସିନଥିବା ଦେଖାଯାଇଥିଲା । କୋଭିଡ ସଂକ୍ରମଣର ଭୟାବହତା ସମ୍ପର୍କରେ



ସାଧାରଣ ଲୋକ ପ୍ରାୟ ସଚେତନ ଥିଲା ପରି ଜଣାପଡୁଥିଲା । ଫଳରେ ପୋଲିସ ରାସ୍ତାରେ ନଥିଲେ ମଧ ଲୋକମାନେ ଘରୁ ବାହାରୁ ନଥିବା ଦେଖିବାକୁ ମିଳିଥିଲା । ଲୋକମାନେ ଏଭଳି ଭାବରେ ନିଜେ ସଚେତନ ହୋଇ କୋଭିଡ ନିୟମକୁ ଅନୁପାଳନ ପୂର୍ବକ ସାମାଜିକ ଦୂରତା ରକ୍ଷା, ହାତ ସାନିଟାଇଜ କରିବା ଓ ମାସ୍କ ପରିଧାନ ଦ୍ୱାରା ସହଜରେ କରୋନା ଭଳି ମହାମାରୀର ସଂକ୍ରମଣକୁ ହ୍ରାସ କରାଯାଇପାରିବ ବୋଲି ଉପଜିଲ୍ଲାପାଳ ନିରଞ୍ଜନ ବେହେରା କହିଛନ୍ତି । ଟାଉନ ଥାନାର ଭାରପ୍ରାପ୍ତ ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ ଓ ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ ସହରର ବିଭିନ୍ନ ସ୍ଥାନରେ ପଇଁତରା ମାରିବା ସହ ଅମାନିଆଙ୍କୁ କରୋନା ସଂକ୍ରଣ ସମ୍ପର୍କରେ ସଚେତନ କରୁଥିବା ଦେଖିବାକୁ ମିଳିଥିଲା । କୋଭିଡ - ୧୯ର ଦ୍ୱିତୀୟ ଲହରର ସଟଡାଉନ ଘୋଷଣା ପରେ ରବିବାର କେନ୍ଦ୍ରାପଡା ସହର ପ୍ରଥମ ଦିନ ଭଳି ଜନଶୁନ୍ୟ ହୋଇପଡିଥିବା ଦେଖିବାକୁ ମିଳିଛି । କରୋନା ସଂକ୍ରମଣର ଦ୍ୱିତୀୟ ଲହର ସଟଡାଉନର ଦ୍ୱିତୀୟ ଦିନରେ ଜନସାଧାରଣ ସଚେତନ ହୋଇପଡିଥିବା ଯୋଗୁଁ ନିହାତି ଜରୁରୀ ଆବଶ୍ୟକତା ନଥିଲେ ଘରୁ ପଦାକୁ ବାହାରୁ ନଥିବା ଦେଖାଯାଇଛି । କେତେକ ସ୍ଥାନରେ କିଛି ଆମାନିଆ ରାସ୍ତା ଉପରକୁ ଆସିଥିବା ବେଳେ ପୋଲିସର କଡା ପ୍ରହରା ସେମାନଙ୍କୁ ଫେରି ଯିବାକୁ ବାଧ କରିଥିଲା । କେନ୍ଦ୍ରାପଡା ପୌରାଞ୍ଚଳର ଇଛାପୁର, କେଶପୁର ବଜାର, ସାନ୍ତସାହି, ମଢିଆଳ, ପୁରୁଣାବସଷ୍ଟାଣ୍ଡ, ବଡହାଟ, କାକଟ, ଗଣାମାହାଲ, ନୂଆବସଷ୍ଟାଣ୍ଡ, ବଣିଆମାଳ, ମହିପାଳ, କଜଳା, ତିନିମୁହାଣିଛକ ପ୍ରଭୃତି ସ୍ଥାନରେ ରାସ୍ତା ଗୁଡିକ ଶୁନଶାନ ରହିଥିବା ଦେଖିବାକୁ ମିଳିଛି । କାଁ ଭାଁ କିଛି ଅମାନିଆମାନେ ରାସ୍ତା ଉପରକୁ ଆସିଯାଇଥିବା ବେଳେ ପୋଲିସ ସେମାନଙ୍କୁ ଘଉଡାଇ ଦେଇଥିବାର ଦେଖିବାକୁ ମିଳିଛି । କେତେକ ସରକାରୀ କର୍ମଚାରୀ ଏବଂ ଅନ୍ୟ କିଛି ଜରୁରୀ କାର୍ଯ୍ୟରେ ଯାଉଥିବା ବେଳେ ପୋଲିସକୁ ପରିଚୟ ପତ୍ର ଓ ପ୍ରମାଣ ଦେଖାଇ ଯାଉଥିବାର ଦେଖିବାକୁ ମିଳିଥିଲା। କେନ୍ଦ୍ରାପଡା ଏସଡିପିଓ ରାଜୀବ ଲୋଚନ ପଣ୍ଡା, ଟାଉନ ଥାନାର ଭାରପ୍ରାପ୍ତ ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ ଓ ସବଇନସପେକ୍ଟର ସୌମ୍ୟରଞ୍ଜନ ଜାଲ, ପୁରୁଣା ବସଷ୍ଟାଣ୍ଡ ଫାଣ୍ଡିର ହାବିଲଦାର ନରେନ୍ଦ୍ର ନାଥ ସୋରେନ ପ୍ରମୁଖ ସହରର ବିଭିନ୍ନ ସ୍ଥାନରେ ପଇଁତରା ମାରିବା ସହ ଲୋକମାନଙ୍କୁ କରୋନା ସଂକ୍ରଣ ସମ୍ପର୍କରେ ସଚେତନ କରାଇବା ସହ ଅମାନିଆଙ୍କୁ ଘଉଡାଇଦେଇଥିବାର ଦେଖିବାକୁ ମିଳିଥିଲା ।

## କରୋନା ବିରୋଧରେ ଲଢିବା ପାଇଁ ପାରସ୍ପରିକ ବିଶ୍ୱାସ ଆବଶ୍ୟକ

ଭୁବନେଶ୍ୱର (ପିଏନ୍): କୋଭିଡ ମହାମାରୀର ସଂକ୍ରମଣ ପୁଣି ଥରେ ଭୟାନକର ଆହ୍ୱାନ ରୂପେ ଦେଶ ସମ୍ମୁଖରେ ଠିଆ ହୋଇଛି । ମହାମାରୀର ସଂକ୍ରମଣ ଏବଂ ଗମ୍ଭୀରତା ପୂର୍ବ ଅପେକ୍ଷା ଏଥର ଅଧିକ ଗୁରୁତ୍ୱର ଅଟେ । ଆଜି ଦେଶର ଅଧିକାଂଶ ଅଂଚଳ ଏହାର ନିର୍ଦ୍ଦୟ ମାଡର ସମ୍ମୁଖୀନ ହେଉଛନ୍ତି । ବହୁ ସଂଖ୍ୟାର ଲୋକ ସଂକ୍ରମିତ ହୋଇ ଡାକ୍ତରଖାନାରେ ଭର୍ତି ହେଉଛନ୍ତି । ଶହଶହ ପରିବାର ମଧ ନିଜର ପ୍ରିୟଜନଙ୍କୁ ହରାଉଛନ୍ତି । ଏହି ବିପର୍ଯ୍ୟୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସମସ୍ତ ଦେଶବାସୀଙ୍କୁ ସମବେଦନା ଜ୍ଞାପନ କରୁଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରକାର୍ଯ୍ୟବାହ ଶ୍ରୀ ଦତାତ୍ରେୟ ହୋସଓ୍ୱାଲେ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶ କରି କହିଛନ୍ତି ଯେ, ପରିସ୍ଥିତି ଭୟଙ୍କର, କିନ୍ତୁ ସମାଜର ଶକ୍ତି କମିଯାଇନାହିଁ । ଚରମ ସଂକଟ ସହ ମୁକାବିଲା କରିବାର ଆମର କ୍ଷମତା ଜଣାଶୁଣା । ଆମେ ବିଶ୍ୱାସ କରୁ ଯେ ଧୈର୍ଯ୍ୟ ଏବଂ ମନୋବଳ ବଜାୟ ରଖି ଆମେ ନିଜେ ଅନୁଶାସନ ଏବଂ ପରସ୍ପର ସହଯୋଗ ଦ୍ୱାରା ନିଶ୍ଚିତ ଭାବରେ ଏହି ଭୟଙ୍କର ପରିସ୍ଥିତିରେ ବିଜୟୀ ହେବୁ । ମହାମାରୀର ହଠାତ୍ ବିକାଟାଳ ରୂପ ଧାରଣ କରିବାରୁ ଶଯ୍ୟା, ଅମ୍ଳଜାନ ଏବଂ ଔଷଧ ଭଳି ଆବଶ୍ୟକୀୟ ସମ୍ବଳ ଅଭାବରୁ ଡାକ୍ତରଖାନା ଗୁଡିକରେ କଷ୍ଟର ସମ୍ମୁଖୀନ ହେବାକୁ ପଡୁଛି । ଭାରତ ପରି ଏକ ବିଶାଳ ଦେଶରେ ସମସ୍ୟାର ସ୍ୱରୂପ ବିଶାଳ ରୂପ ନେଉଛି । ସମସ୍ୟାର ସମାଧାନ ପାଇଁ କେନ୍ଦ୍ର , ରାଜ୍ୟ ସରକାର, ପ୍ରଶାସନ ଏବଂ ସ୍ଥାନୀୟ ସଂଗଠନ ମାନଙ୍କ ଦ୍ୱାରା ବ୍ୟାପକ ଉଦ୍ୟମ କରାଯାଉଛି । ଚିକିତ୍ସା କ୍ଷେତ୍ରରେ ସମସ୍ତ ଭାଇ,ଭଉଣୀ, ସୁରକ୍ଷା ଏବଂ ସ୍ୱଚ୍ଛତା କର୍ମକର୍ତାମାନେ ନିଜ ଜୀବନକୁ ବାଜି ଲଗାଇ ପୂର୍ବପରି ଦାୟିତ୍ୱ ତୁଲାଉଛନ୍ତି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ୱୟଂସେବକମାନେ ସମାଜର ଆବଶ୍ୟକତା ପୂରଣ କରିବା ପାଇଁ ସାରା ଦେଶରେ ବିଭିନ୍ନ ପ୍ରକାର ସେବା କାର୍ଯ୍ୟରେ ସକ୍ରିୟ ରହିଛନ୍ତି । ଅନେକ ଧାର୍ମିକ,ସାମାଜିକ ଅନୁଷ୍ଠାନ ସହିତ ସାଧାରଣ ସମାଜ ମଧ ନିଜ ପ୍ରେରଣାରେ ଚ୍ୟାଲେଂଜକୁ ଗମ୍ଭୀରତା ସହ ନେଇ ସମସ୍ତ ପ୍ରକାର ପ୍ରୟାସରେ ନିୟୋଜିତ ଅଛନ୍ତି । ଏହା ମଧ ସମ୍ଭବ ଯେ ସମାଜ ବିରୋଧୀ ତଥା ଭାରତ ବିରୋଧୀ ଶକ୍ତି ଏହି ଗରୁତ୍ୱର ପରିସ୍ଥିତିର ସୁଯୋଗ ନେଇ ଦେଶରେ ନକରାତ୍ମକତା ଏବଂ ଅବିଶ୍ୱାସର ବାତାବରଣ ସୃଷ୍ଟି କରି ପାରନ୍ତି । ଦେଶବାସୀଙ୍କୁ ମଧ ସେମାନଙ୍କର ସକରାତ୍ମକ ପ୍ରୟାସ ସହିତ ଏହି ଶକ୍ତିର ଷଡଯନ୍ତ୍ର ବିଷୟରେ ସଚେତନ ହେବାକୁ ପଡିବ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ୱୟଂସେବକମାନଙ୍କ ସହିତ ସମାଜର ସମସ୍ତ ସାମାଜିକ, ଧାର୍ମିକ ସଂଗଠନ, ସେବା ସଂଗଠନ, ଶିଳ୍ପ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ଇତ୍ୟାଦି କ୍ଷେତ୍ରର ଭାଇମାନଙ୍କୁ ନମ୍ରତାର ସହ ଅନୁରୋଧ କରେ ଯେ ଏହାର ସମାଧାନ ପାଇଁ ସେବା ଭାବ ସହିତ ଏକତ୍ରିତ ହୋଇ କୌଣସି ପ୍ରକାରରେ ଅଭାବ ଦୂର କରିବା ପାଇଁ ଯଥା ସମ୍ଭବ ଚେଷ୍ଟା କରନ୍ତୁ । ସାମ୍ପ୍ରତିକ ପରିସ୍ଥିତିକୁ ଧ୍ୟାନରେ ରଖି କିଛି ଗୁରୁତ୍ୱପୂର୍ଣ୍ଣ ଜିନିଷ ପ୍ରତି ଧ୍ୟାନ ଦେବା ଜରୁରୀ ବୋଲି ଶ୍ରୀ ହୋସଓ୍ୱାଲେ ନିବେଦନ କରିଛନ୍ତି । ସେ କହିଛନ୍ତି ଯେ, ସ୍ୱାସ୍ଥ୍ୟ ଏବଂ ଅନୁଶାସନ ସମ୍ବନ୍ଧୀୟ ସମସ୍ତ ନିୟମକୁ ପାଳନ କରି ସେବାରେ ନିୟୋଜିତ ଲୋକମାନେ ନିଜେ ନିଜକୁ ସୁରକ୍ଷିତ ରଖନ୍ତୁ । ମାସ୍କ ପିନ୍ଧିବା, ସ୍ୱଚ୍ଛତା, ଶାରୀରିକ ଦୂରତା, ବ୍ୟକ୍ତିଗତ ତଥା ସାର୍ବଜନୀନ କାର୍ଯ୍ୟକ୍ରମରେ ସଂଖ୍ୟା ସୀମା, କର୍ଫ୍ୟୁର ନିୟମ ପାଳନ କରିବା ଏବଂ ଆୟୁର୍ବେଦିକ କାଢା ସେବନ, ବାଷ୍ପ ଗ୍ରହଣ, ଟୀକାକରଣ ପରି ସ୍ୱାସ୍ଥ୍ୟ ବିଷୟଗୁଡିକ ଉପରେ ବ୍ୟାପକ ଜନଜାଗରଣ କରାଯାଉ । ଅତି ଆବଶ୍ୟକ ହେଲେ ଘରୁ ବାହାରକୁ ଯାଆନ୍ତୁ । ସମାଜକୁ ଅନୁରୋଧ କରୁଛି ଯେ, ନିଜେ ସାମୂହିକ ନିଷ୍ପତି ମାଧ୍ୟମରେ ସ୍ଥାନୀୟ ସ୍ତରରେ ଦୈନନ୍ଦିନ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରନ୍ତୁ । ସମସ୍ତ ସ୍ତରରେ ଶାସନ, ପ୍ରଶାସନ, ଡାକ୍ତର, ଚିକିତ୍ସା କର୍ମଚାରୀ, ସୁରକ୍ଷା ଏବଂ ସ୍ୱଚ୍ଛତା କର୍ମୀଙ୍କ ସହିତ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ । ଗଣମାଧ୍ୟମ ସହିତ ସମାଜର ସମସ୍ତ ବର୍ଗଙ୍କୁ ଅନୁରୋଧ ଯେ ସମାଜରେ ସକାରାତ୍ମକତା, ଆଶା ଏବଂ ବିଶ୍ୱାସର ବାତାବରଣ ବଜାୟ ରଖିବାରେ ସହଯୋଗ କରିବାକୁ ଅନୁରୋଧ । ସାମାଜିକ ଗଣମାଧ୍ୟମରେ ସକ୍ରିୟ ଥିବା ବ୍ୟକ୍ତିମାନେ ବିଶେଷ ସଂଯମତା ଏବଂ ସତର୍କତା ସହିତ ଏକ ସକାରାତ୍ମକ ଭୂମିକା ଗ୍ରହଣ କରିବା ଉଚିତ ।

# ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଏକ ୱେବିନାର୍



ଭୁବନେଶ୍ୱର (ପିଏନ୍): ଉତ୍କଳ-ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟ ଜନ୍ମତିଥି ଅବସରରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ଆୟୋଜିତ ହୋଇଯାଇଛି "ନବ ଓଡ଼ିଶାର ନିର୍ମାତା-ମଧୁବାବୁ" ଶୀର୍ଷକ ୱେବିନାର୍। ଏହି ୱେବିନାରରେ ଉଦ୍‌ଘାଟକ ତଥା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର, ମାନ୍ୟବର ମନ୍ତ୍ରୀ, ଶକ୍ତି, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଗୃହ (ରାଷ୍ଟ୍ର) ମନ୍ତ୍ରୀ । ତାଙ୍କ ଅଭିଭାଷଣରେ ସେ, ମଧୁବାବୁଙ୍କର ଶିଳ୍ପ ପ୍ରତି ଆନ୍ତରିକତା ଓ ସମର୍ପଣ ଭାବକୁ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ଏଭଳି ୱେବିନାରରେ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିବାରୁ ଖୁସି ଅଭିବ୍ୟକ୍ତ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ଭିତରେ ଜଣେ ନାୟକ ବା ନାୟିକା ପ୍ରଚ୍ଛନ୍ନ ଭାବରେ ରହିଥାନ୍ତି ଏବଂ ତା'କୁ ଆବିଷ୍କାର କରିବା ହେଉଛି ଆମମାନଙ୍କର ଦାୟିତ୍ୱ ବୋଲି ସେ ମତବ୍ୟକ୍ତ କରିଥିଲେ । ଗ୍ରାମାଞ୍ଚଳରେ ସୂତାକଟା ଓ ଲୁଗାବୁଣା ଶିଳ୍ପର ବିକାଶ ପାଇଁ ମଧୁବାବୁଙ୍କର ଚେଷ୍ଟା କୁଟୀର ଶିଳ୍ପର ବିକାଶ ଦିଗରେ ସହାୟକ ହୋଇପାରିଥିଲା। ବିଭାଗର ପ୍ରମୁଖ ଶାସନ ସଚିବ ଡ. ବିଷ୍ଣୁପଦ ସେଠୀ ତାଙ୍କ ଅଭିଭାଷଣରେ ମଧୁବାବୁଙ୍କର ନୂଆ ଓଡ଼ିଶା ଗଠନର ସ୍ୱପ୍ନକୁ ସାକାର କରିବା ପ୍ରତ୍ୟେକ ଜନସାଧାରଣଙ୍କର ଦାୟିତ୍ୱ ବୋଲି ମତବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ମଧୁବାବୁଙ୍କ ଆଦର୍ଶରେ ଓଡ଼ିଶାର ପ୍ରତ୍ୟେକ ବ୍ୟକ୍ତି ଅନୁପ୍ରାଣିତ ହେବା ଉଚିତ୍ ବୋଲି ଆଶାବ୍ୟକ୍ତ କରିଥିଲେ। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମଧୁବାବୁ ୧୯୦୫ ମସିହାରେ ଉତ୍କଳ ଟ୍ୟାନେରୀ ପ୍ରତିଷ୍ଠା କରିବା ସହିତ ଓଡ଼ିଶାର ଶିଳ୍ପ ଓ ପ୍ରଗତି ପ୍ରତି ଏକ ନୂଆ ରାହା ଦେଖାଇଥିଲେ। ସେ କହିଥିଲେ – ମଧୁବାବୁ କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ, ଆଇନଜୀବୀ ବା ସମାଜ ସୁଧାରକ ନଥିଲେ, ଥିଲେ ଭାଷା ସାହିତ୍ୟର ସାଧକ ଓ ଉପାସକ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଶ୍ରୀଯୁକ୍ତ ଦାଶ ବେନହୁର୍ ମଧୁବାବୁଙ୍କର ଓଡ଼ିଆ ଜାତି ନିର୍ମାଣରେ ଅବଦାନକୁ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ମଧୁବାବୁ ଓଡ଼ିଆ ଜାତିର ମୁକୁଟବିହୀନ ସମ୍ରାଟ ବୋଲି ସେ ମତବ୍ୟକ୍ତ କରିଥିଲେ। ଆଧୁନିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମଧୁବାବୁଙ୍କର ଅବଦାନ ଅବିସ୍ମରଣୀୟ ଏବଂ ଏହି ମହାସଂଗ୍ରାମର ସେ ହିଁ ସେନାପତି ବୋଲି ସେ ପ୍ରକାଶ କରିଥିଲେ। ନୂଆ ଓଡ଼ିଶାର ନିର୍ମାଣର ନାୟକ ମଧୁବାବୁଙ୍କ ଜୀବନର ଓଡ଼ିଆ ଭାଷାଭାଷୀ ଏକତ୍ରୀକରଣ ସର୍ବଶ୍ରେଷ୍ଠ ଐତିହାସିକ କାର୍ଯ୍ୟ ଏବଂ ଓଡ଼ିଆ ଜାତିକୁ ତାଙ୍କର ଶ୍ରେଷ୍ଠ ଉପହାର ବୋଲି ସେ ମତବ୍ୟକ୍ତ କରିଥିଲେ । ଏତଦ୍‌ବ୍ୟତୀତ ସେ ପଗଡ଼ି ପୁରୁଷଙ୍କ ବହୁ ଅନାଲୋଚିତ ତଥ୍ୟକୁ ମଧ ଏହି ଅବସରରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ଏବଂ ସଂଗ୍ରହାଳୟରେ ଗଚ୍ଛିତ ଥିବା ମଧୁବାବୁଙ୍କ ବ୍ୟବହୃତ ସାମଗ୍ରୀ ତାଙ୍କର ପଗଡ଼ି, ଚଷମା, ହାତବାଡ଼ି, ହାତୀଦାନ୍ତର ଟେବୁଲ୍, ମାନପତ୍ର, ପାନଡବା, ବନ୍ଧୁକ, ରୁମାଲ୍, ଚାମଚ ପ୍ରଭୃତି ଭର୍ଚୁଆଲ୍ ୱେବିନାରରେ ପ୍ରଦର୍ଶନ କରିଥିଲେ, ଯାହାକି ଯୋଗଦେଇଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇପାରିଥିଲା। ଏତଦ୍‌ବ୍ୟତୀତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା କଟକ ସ୍ଥିତ ମଧୁସ୍ମୃତି ସଂଗ୍ରହାଳୟରେ ପ୍ରଦର୍ଶିତ ହୋଇଥିବା ମଧୁବାବୁଙ୍କର ଖଟ, ଗଦି, ତକିଆ, ପୋଷାକ, ଜୋତା, ଆସବାବପତ୍ର ଓ ବିଭିନ୍ନ ଫଟୋଚିତ୍ରଗୁଡ଼ିକୁ ଓଡ଼ିଶାର ପ୍ରତ୍ୟେକ ଛାତ୍ରଛାତ୍ରୀମାନେ ଆଖିରେ ଦେଖିଯିବା ପାଇଁ ନିବେଦନ କରିଥିଲେ। ଏହାଦ୍ୱାରା ପିଲାମାନଙ୍କ ମନରେ ମଧୁବାବୁଙ୍କ ପ୍ରତି ସମର୍ପିତ ତଥା ଉତ୍ସର୍ଗୀକୃତ ଭାବନା ଜାଗ୍ରତ ହେବା ସହିତ ଓଡ଼ିଆ ଜାତିପ୍ରୀତି ପାଇଁ ଅଧିକ ଉତ୍ସାହ ଜାଗ୍ରତ ହୋଇ ପାରିବ। ୱେବିନାର୍‌ରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ଅନେକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଯାଉଥିବା ଓଡ଼ିଶାର ବରପୁତ୍ର ସମ୍ପର୍କରେ ଧାରାବାହିକ ୱେବିନାର୍‌ର ଏହା ହେଉଛି ପ୍ରଥମ ୱେବିନାର୍, ଯାହା ଥିଲା ଉତ୍କଳଗୌରବ ମଧୁସୂଦନଙ୍କ ପାଇଁ ଉତ୍ସର୍ଗୀକୃତ।

## ଜିଲ୍ଲାର ବିଭିନ୍ନ ଥାନାରେ ଥିବା ପୋଲିସ ସବଇନସପେକ୍ଟରଙ୍କ ବଦଳି

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଥାନାରେ ଥିବା ପୋଲିସ ସବଇନସପେକ୍ଟରଙ୍କ ବଦଳି କରିଛନ୍ତି ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡକର । ଥାନାର ଏସଆଇ ଏସ.ଆର. ପାଣିଗ୍ରାହୀଙ୍କୁ ସଦର ଥାନାର ଚାନ୍ଦୋଳ ଫାଣ୍ଡିକୁ ବଦଳି କରାଯାଇଥିବା ବେଳେ ଚାନ୍ଦୋଳ ଫାଣ୍ଡିରେ ଥିବା ଏସ.ଆଇ. ଶରତ ଚନ୍ଦ୍ର ଦାସଙ୍କୁ ନିକିରେଇ ଥାନାକୁ ବଦଳି କରାଯାଇଛି । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଏସ.ଆଇ. ବିଲ୍ୱମଙ୍ଗଳ ସେଠୀଙ୍କୁ ଚଉଦକୁଲାଟ ଫାଣ୍ଡିକୁ ବଦଳି କରାଯାଇଥିବା ବେଳେ ସେହି ଥାନାର ଏସ.ଆଇ. ବିଶ୍ୱଜୀତ ଭୋଇଙ୍କୁ ପାଟକୁରା ଥାନାକୁ ବଦଳି କରାଯାଇଛି । ଟାଉନ ଥାନାର ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳଙ୍କୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାକୁ ବଦଳି କରାଯାଇଥିବା ବେଳେ ଚଉଦକୁଲାଟ ଫାଣ୍ଡିର ଏସ.ଆଇ. ବିଜୟ କୁମାର ଖଟୁଆଙ୍କୁ ମାର୍ଶାଘାଇ ଥାନାକୁ ବଦଳି କରାଯାଇଛି । ସେହିପରି ପୋଲିସ ମୁଖ୍ୟାଳୟରେ ଥିବା ଏସ.ଆଇ. ରମାକାନ୍ତ ବେହେରାଙ୍କୁ ରାଜକନିକା ଥାନାକୁ ବଦଳି କରାଯାଇଥିବା ବେଳେ ଡେରାବିଶି ଥାନାରେ ଥିବା ଏସ.ଆଇ. ଶ୍ରୀଧର ମାହାଳିକଙ୍କୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାକୁ ବଦଳି କରାଯାଇଛି ।

## ପିସିସି ପକ୍ଷରୁ କୋଭିଡ୍ କଂଟ୍ରୋଲ ରୁମ୍ ଖୋଲିଲା

ଭୁବନେଶ୍ୱର (ପିଏନ୍)– କରୋନା ମହାମାରୀ ବର୍ତମାନ ଓଡିଶାରେ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ଏଥିରେ ସାଧାରଣ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ନିଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କୋଭିଡ୍ କଂଟ୍ରୋଲ ରୁମ୍ ଖୋଲାଯାଇଛି। ଏହି ଅବସରରେ ପିସିସି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ ୫ ଜଣିଆ କମିଟି ଗଠନ କରିଛନ୍ତି। ଏହି କମିଟି କଂଟ୍ରୋଲ ରୁମ୍ ଦାୟିତ୍ୱରେ ରହି ସୂଚାରୁ ରୂପେ କାର୍ଯ୍ୟ ସମାପନ କରିବେ ବୋଲି ଶ୍ରୀ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟିରେ ପଦ୍ମାକର ଗୁରୁ (ମୋ - ୬୩୭୦୯୬୫୯୭୮) ସଂଯୋଜକ ଥିବାବେଳେ ସୁବ୍ରତ ମହାପାତ୍ର (ମୋ – ୯୧୩୨୭୮୫୬୨୪), ଲିଙ୍ଗରାଜ ସାହୁ (ମୋ–୯୨୩୭୦୧୦୯୩୯), ପ୍ରମୋଦ କୁମାର ସାହୁ (ମୋ–୭୦୦୮୭୮୮୬୭୭) ଓ ତରୁଣକାନ୍ତ ମିଶ୍ର (ମୋ– ୯୪୩୭୧୯୨୧୬୧) ପ୍ରମୁଖ ସଭ୍ୟ ଭାବେ ରହିଛନ୍ତି। ଏହି କଂଟ୍ରୋଲ ରୁମ ସକାଳ ୯ ଘଟିକାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ କାର୍ଯ୍ୟ କରିବ ବୋଲି ପିସିସି କାର୍ଯ୍ୟାଳୟ ପକ୍ଷରୁ ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଜଣାଇଛନ୍ତି।

## ସ୍କୁଟି ଚଳାଇବା ବେଳେ ମୋବାଇଲ ଫୋନରେ କଥା ହେଉଥିବାରୁ ଜୋରିମନା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହରର ପୁରୁଣା ବସଷ୍ଟାଣ୍ଡରୁ ସାନ୍ତସାହି ରାସ୍ତାରେ ପୂର୍ବତନ ଜିଲ୍ଲା ବିଜେପି ସଭାପତି ଦୁର୍ଯ୍ୟୋଧନ ସାହୁ ବଳଗଣ୍ଡି ନିକଟରେ ସ୍କୁଟି ଚଳାଇ ଯାଉଥିବା ସମୟରେ ମୋବାଇଲ ଫୋନରେ କଥା ହେଉଥିବା ସେହି ରାସ୍ତାରେ ଯାଉଥିବା ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡକର ଦେଖିବାକୁ ପାଇଥିଲେ । ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀ ସାହୁଙ୍କୁ ଆଇନ ଉଲ୍ଲଙ୍ଘନ ନିମନ୍ତେ ୫ହଜାର ଟଙ୍କା ଜୋରିମାନା କରାଯାଇଥିଲା । କିନ୍ତୁ ଜୋରିମାନା ନଦେବାରୁ ସେ ଚଳାଉଥିବା ସ୍କୁଟିକୁ ଟାଉନ ଥାନାକୁ ପୋଲିସ ନେଇଯାଇଥିଲା । ଏହାପରେ ଶ୍ରୀ ସାହୁ ଥାନାକୁ ଯାଇ ସେଠାରେ କିଛି ଘଂଟା ବସିବା ପରେ ଘରକୁ ଫେରି ଆସିଥିବା ବେଳେ ଜୋରିମାନା ଦେଇନଥିବାରୁ ସ୍କୁଟିଟି ଥାନାରେ ରଖାଯାଇଥିବା ସୂଚନା ମିଳିଛି ।

## ଛତା କୋଭିଡ ହସପିଟାଲ କାର୍ଯ୍ୟକ୍ଷମ ହେଲା

କେନ୍ଦ୍ରାପଡ଼ା (ପିଏନ୍): ଭୁବନେଶ୍ୱର ସମ ହସପିଟାଲ ଦ୍ୱାରା ପରିଚାଳିତ ଛତା କୋଭିଡ ହସପିଟାଲ କାର୍ଯ୍ୟକ୍ଷମ ହୋଇଥିବା ଜିଲ୍ଲାପାଳ ଅମ୍ରିତ ଋତୁରାଜ ଟୁଇଟ କରି ସୂଚନା ଦେଇଛନ୍ତି। ଏଥିସହିତ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଡାକ୍ତରଖାନାରେ ଏକ ଜିଲ୍ଲାସ୍ତରୀୟ କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ କରିବ ବୋଲି ଜିଲ୍ଲାପାଳ କହିଛନ୍ତି । ୫୦ଟି ଅମ୍ଳଜାନ ସିଲିଣ୍ଡର ଏଥିନିମନ୍ତେ ଗଛିତ କରି ରଖାଯାଇଥିବା ସେ କହିଛନ୍ତି । ଜିଲ୍ଲାର ସମସ୍ତ ନାଗରିକମାନଙ୍କୁ କୋଭିଡ ନିୟମ ପାଳନ କରିବାକୁ ଏହି ଅବସରରେ ଜିଲ୍ଲାପାଳ ନିବେଦନ କରିଛନ୍ତି ।

## ଆକସ୍ମିକ ଅଗ୍ନିକାଣ୍ଡରେ ୪ବଖରା ଘର ଭସ୍ମୀଭୂତ

କେନ୍ଦ୍ରାପଡ଼ା (ପିଏନ୍): ଆକସ୍ମିକ ଅଗ୍ନିକାଣ୍ଡରେ ୪ବଖରା ଘର ପୋଡି ପାଉଁଶ ହୋଇଯାଇଛି । କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଜୟୀପୁରା ଗ୍ରାମର ସେକ ବସିରଙ୍କ ପୁଅ ସେକ ବଦିରଙ୍କ ୪ବଖରା ଘର ବିଦ୍ୟୁତ ସଟସର୍କିଟରୁ ପୋଡି ପାଉଁଶ ହୋଇଯାଇଛି । ଖବର ପାଇ କେନ୍ଦ୍ରାପଡା ଅଗ୍ନିଶମ ବିଭାଗ ଗାଡି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିଥିଲା । ସେହି ୪ବଖରା ଘରେ ଥିବା ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିବା ସୂଚନା ମିଳିଛି ।

## ସୁଧ ଟଙ୍କା ନଦେବାରୁ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

କେନ୍ଦ୍ରାପଡ଼ା (ପିଏନ୍): ଧାର ନେଇଥିବା ଅର୍ଥର ସୁଧ ବାବଦ ଟଙ୍କା ଦେଇନଥିବା ଯୋଗୁଁ ଏକ ଅନୁସୂଚିତ ଜାତି ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି । କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଚକ୍ରୋଡା ଗ୍ରାମପଞ୍ଚାୟତର କନ୍ତିଆ ଗ୍ରାମର କ୍ଷୀରୋଦ ସେଠୀଙ୍କ ପତ୍ନୀ ଗାୟତ୍ରୀ ସେଠୀ ସଦର ଥାନାରେ ଅଭିଯୋଗ କରିଛନ୍ତି ଯେ ସେ ସେହି ଗ୍ରାମର ପଙ୍କଜ ଜେନାଙ୍କଠାରୁ ପ୍ରାୟ ୧୨ହଜାର ଟଙ୍କା ସୁଧରେ ଉଦ୍ଧାର ଆଣିଥିଲେ । କିନ୍ତୁ ମୂଳ ଟଙ୍କା ଶୁଝି ଦେଇଥିବା ବେଳେ ସୁଧ ଅର୍ଥରୁ କିଛି ରହିଯାଇଥିଲା। ସେଥିପାଇଁ ସେହି ଗ୍ରାମର ଟୁକୁନା ଓ କୁଜି ହଠାତ ତାଙ୍କ ଘରେ ପହଞ୍ଚି ସେହି ସୁଧ ଟଙ୍କା ନିମନ୍ତେ ଗାୟତ୍ରୀ ଓ ତାଙ୍କ ସ୍ୱାମୀ କ୍ଷୀରୋଦଙ୍କୁ ଭୂଜାଲିରେ ମରଣାନ୍ତକ ଆକ୍ରମଣ କରିଥିଲେ । ଉଭୟଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଗାୟତ୍ରୀଙ୍କ ଅଭିଯୋଗ ଉପରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ସଦର ଥାନା ଇନସପେକ୍ଟର ପ୍ରମୋଦ କୁମାର ମଲ୍ଲିକଙ୍କଠାରୁ ସୂଚନା ମିଳିଛି ।

## ଶିଶୁ କଣ୍ଠଶିଳ୍ପୀ ମାଷ୍ଟର ଦେବେଶ୍ୱରଙ୍କୁ ଜନ୍ମଦିନର ଶୁଭେଚ୍ଛା

ଯାଜପୁର (ପିଏନ୍): ରାମନବମୀ ଦିନ ଓଡ଼ିଶାର ସୁନାମଧନ୍ୟ ଶିଶୁ କଣ୍ଠ ଶିଳ୍ପୀ ମାଷ୍ଟର ଦେବେଶ୍ୱରଙ୍କ ଜନ୍ମଦିନ ଥିବାରୁ ବହୁ ଅନୁଷ୍ଠାନ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଅନ୍ୟ ସହ ଥିଏଟର ଗ୍ରୁପ୍‌ର ସଭାପତି ବୃନ୍ଦାବନ ମିଶ୍ର ଓ ସଂସ୍କୃତି ସମ୍ପାଦକ ସଂଗଠନ ପକ୍ଷରୁ ମାଷ୍ଟର ଦେବେଶ୍ୱରଙ୍କୁ ତାଙ୍କ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହିତ ମା' ବିରଜା ତାଙ୍କୁ ଦୀର୍ଘାୟୁ କରିବା ସହିତ ଆଗକୁ ଯାଜପୁର ଜିଲ୍ଲା ତଥା ବିରଜା ମାଟିର ସୁନାମ ଅର୍ଜନ କରନ୍ତୁ ବୋଲି ଆଶାପୋଷଣ କରିଛନ୍ତି। ଦେବେଶ୍ୱର ବର୍ତ୍ତମାନ ଡି.ଏ.ଭି. ସ୍କୁଲରେ ଦଶମ ଶ୍ରେଣୀର ଛାତ୍ର। କରୋନା କଟକଣାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ଘରେ ଗୀତ ଅଭ୍ୟାସ ଜାରି ରଖିଛନ୍ତି।

## ଲେଖିକା ଜ୍ୟୋତ୍ସ୍ନାରାଣୀ ସ୍ୱାଇଁଙ୍କ ପରଲୋକରେ ବିଭିନ୍ନ ବ୍ୟକ୍ତିଙ୍କ ଶୋକ

ବ୍ରହ୍ମପୁର (ପିଏନ୍): ବ୍ରହ୍ମପୁରର ବିଶିଷ୍ଟ ଲେଖିକା ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ (୬୫)ଙ୍କ ଗତ ଶନିବାର ଭୋରରେ ଗେଟବଜାରସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। କୋଭିଡ–୧୯ ନିୟମ ଅନୁପାଳନ ପୂର୍ବକ ସୀମିତ ବ୍ୟକ୍ତିଙ୍କ ଉପସ୍ଥିତିରେ ଗେଟ୍ ବଜାର ଗୋକର୍ଣ୍ଣେଶ୍ୱର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି। ଗତ ଛଅମାସ ତଳେ ତାଙ୍କ ସ୍ୱାମୀ ବରିଷ୍ଠ ସାହିତ୍ୟିକ ଡା. ଚନ୍ଦ୍ରମଣି ସ୍ୱାଇଁଙ୍କ ଦେହାନ୍ତ ହୋଇଥିଲା। ବ୍ରହ୍ମପୁର ସାହିତ୍ୟ ଜଗତରେ ଉଭୟ ଲେଖକ ଦମ୍ପତି ଭାବେ ପରିଚିତ ଥିଲେ। ଜ୍ୟୋତ୍ସ୍ନାରାଣୀଙ୍କ ବହୁ ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଛି। ଶିଶୁ ଗଳ୍ପ ସଂକଳନ 'ଗଳ୍ପଗାମଲା', ଭ୍ରମଣ କାହାଣୀ ପୁସ୍ତକ 'ଆସ ଯିବା ପିଲେ ଲଣ୍ଡନ ବୁଲି'ର ଲେଖିକା ଭାବେ ପାଠକ ମହଲରେ ଜଣାଶୁଣା ଥିଲେ। ଏହା ସହିତ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନର ଉପସଭାପତି, ଗଞ୍ଜାମ କଳା ପରିଷଦର କାର୍ଯ୍ୟକାରୀ ସଦସ୍ୟା, ଚନ୍ଦ୍ରଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ପ୍ରତିଷ୍ଠାତ୍ରୀ ଥିଲେ। ସାରସ୍ୱତ ସାଧନା ନିମନ୍ତେ ବହୁ ଅନୁଷ୍ଠାନରୁ ସମ୍ମାନିତ ହୋଇଥିଲେ। ତାଙ୍କର ଅତ୍ୟନ୍ତ ମେଳାପୀ ସ୍ୱଭାବ ଓ ବନ୍ଧୁବତ୍ସଳତା ସମସ୍ତଙ୍କୁ ମୁଗ୍ଧ କରୁଥିଲା। ଶେଷ ଶଯ୍ୟା ନିକଟରେ ଦୁଇ ପୁତ୍ର ମଣ୍ଟୁ ଓ ପିଣ୍ଟୁଙ୍କ ସମେତ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବରିଷ୍ଠ ଭେଷଜ ବିଶେଷଜ୍ଞ ପ୍ରଫେସର ଡା. ପି. ସି. ସାହୁ, ବୈଜ୍ଞାନିକ ଡ. ଡ଼ମ୍ବରୁଧର ସାହୁ, ବରିଷ୍ଠ ସାମ୍ବାଦିକ ତଥା ନବୀନର ସଂପାଦକ ରବି ରଥ, ସମାଜସେବୀ ରାମକୃଷ୍ଣ ପାତ୍ର, ଭଗବତ ଋରିଟେବଲ ଟ୍ରଷ୍ଟର ଅଧ୍ୟକ୍ଷ ଏସ୍. ପ୍ରକାଶ ଚନ୍ଦ୍ର ପାତ୍ର, ଡ଼ା. ଶଙ୍କର୍ଷଣ ପାତ୍ର, କବି କୃଷ୍ଣଚନ୍ଦ୍ର ତ୍ରିପାଠୀ, କପିଳ ଚନ୍ଦ୍ର ମହାନ୍ତି, ସୁଶାନ୍ତ କୁମାର କର, ଶିକ୍ଷାବିତ୍ ଜିତେନ୍ଦ୍ର ନାଥ ପଟ୍ଟନାୟକ, ଆଡଭୋକେଟ ଲାଲବାହାଦୁର ପଟ୍ଟନାୟକ, ବି. ସତ୍ୟମ୍ ଆଋରୀ, ହରିହର ଚୌଧୁରୀ, କବି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଇଂ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, କବି ନୀଳକଣ୍ଠ ସାହୁ, ଅଧ୍ୟାପିକା ଜ୍ୟୋତ୍ସ୍ନାକୁମାରୀ ପ୍ରଧାନ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଜଗନ୍ନାଥପ୍ରସାଦ ସୈରାତ ବାତିଲ ଧାରଣା ସ୍ଥଗିତ, ବୈଷୟିକ କମିଟିର ଅନୁଧ୍ୟାନ; ପୁନଃ ଚିହ୍ନଟ ହେବା ନେଇ ସୂଚନା

ଭଦ୍ରକ:ଏହି ଜିଲାର ଭଣ୍ଡାରିପୋଖରୀ ତହସିଲ ଅନ୍ତର୍ଗତ ବାଲିପୋଖରୀ ପଂଚାୟତ ଜଗନ୍ନାଥପ୍ରସାଦ ସୈରାତ ନିଲାମ ବାତିଲ ଦାବିରେ 'ଆଂଚଳିକ ବନ୍ୟା ବିପର୍ଯ୍ୟସ୍ତ ସୁରକ୍ଷା କମିଟି' ପକ୍ଷରୁ ଅନୁଷ୍ଠିତ ଗଣଧାରଣାକୁ ଆଜି ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଗତ ଗୁରୁବାର ଠାରୁ ତହସିଲ ଅଫିସ ସମ୍ମୁଖରେ କମିଟି ପକ୍ଷରୁ ହେଉଥିବା ଗଣଧାରଣା ବୁଧବାର ଆଖୁଆପଦା ଆନିକଟ ସମ୍ମୁଖରେ ହୋଇଥିଲା। ସୋମବାର ଜିଲ୍ଲାପାଳଙ୍କ ସହ ସୁରକ୍ଷା କମିଟିର ଆଲୋଚନା ଅନୁଯାୟୀ ବୁଧବାର ଉପଜିଲ୍ଲାପାଳ ପିତାମ୍ବର ସାମଲଙ୍କ ନେତୃତ୍ୱରେ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରତିନିଧି ଭାବେ ସ୍ଥାନୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଶଙ୍କର୍ଷଣ ବେହେରା, ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ଭଦ୍ରକ ଭୂତତ୍ୱବିତ୍ ଜେ ସୁଷ୍ମିନାରାନୀ, ବାଲେଶ୍ୱର ଓଏସପିସିବି ଆ ଳିକ ଅଧିକାରୀ ବୈଷୟିକ ସଦସ୍ୟମାନେ ସଂପୃକ୍ତ ସୈରାତରୁ ବାଲି ଉଠାଣ ଜନିତ ସମ୍ଭାବ୍ୟ ବିପର୍ଯ୍ୟୟର କ୍ଷେତ୍ରୀୟ ଅନୁଧ୍ୟାନ କରିଥିଲେ। ଏଥିସହ ବୈଷୟିକ କମିଟି ବାଲିପୋଖରୀ ଏସକେପ ପ୍ରତି ସୈରାତରୁ ବାଲି ଉଠାଣର ପ୍ରଭାବ ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରିଥିଲେ। ବୈଷୟିକ କମିଟି ପକ୍ଷରୁ ଉପଜିଲ୍ଲାପାଳ ଶ୍ରୀ ସାମଲ ଧାରଣା ସ୍ଥଳକୁ ଯାଇ ବିଜେପି ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ବଦ୍ରୀନାରାୟଣ ଧଳଙ୍କ ନେତୃତ୍ୱରେ ଆଂଚଳିକ କମିଟି ଆବାହକ ଅକ୍ଷୟ ତ୍ରିପାଠୀ, ସଭାପତି ସୁଧିର ଜେନା ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ। ଆନ୍ଦୋଳନକାରୀଙ୍କ ପକ୍ଷରୁ ଆବଶ୍ୟକୀୟ ପ୍ରାମାଣିକ ନଥିପତ୍ର ମଧ୍ୟ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ବୈଷୟିକ କମିଟି ଜିଲ୍ଲାପାଳଙ୍କୁ ଅବିଳମ୍ବେ ରିପୋର୍ଟ ପ୍ରଦାନ କରିବ ଓ ସ୍ଥାନୀୟ ଅଂଚଳବାସୀଙ୍କୁ ନ୍ୟାୟ ମିଳିବ ବୋଲି ପ୍ରତିଶ୍ରୁତି ଦେଇ ଧାରଣା ପ୍ରତ୍ୟାହାର ପାଇଁ ଅନୁରୋଧ କରିଥିଲେ। ଏହାକୁ ଗ୍ରହଣ କରି ଧରଣାରତ କମିଟି ପକ୍ଷରୁ ଧାରଣାକୁ ସାମୟିକ ଭାବେ ସ୍ଥଗିତ ରଖିବାକୁ ଘୋଷଣା କରାଯାଇଥିଲା। ଏଥିସହ ଗତ ମଙ୍ଗଳବାର ତହସିଲ ପକ୍ଷରୁ କରାଯାଇଥିବା ସୈରାତ ଅଂଚଳ ଚିହ୍ନଟ ଆନ୍ଦୋଳନକାରୀ ପ୍ରତିନିଧିଙ୍କ ଉପସ୍ଥିତିରେ ପୁନଃ ଚିହ୍ନଟ କରାଯିବ ବୋଲି ମଧ୍ୟ ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ବେହେରା, ପ୍ରକାଶ ମହାପାତ୍ର, ବସନ୍ତ ତ୍ରିପାଠୀ, ଜିତେନ୍ଦ୍ର କୁମାର ମହାପାତ୍ର, ପ୍ରଭାତ କୁମାର ବାରିକ, ନଟବର ପରିଡା, ଅଭିମନ୍ୟୁ ଜେନା, ପ୍ରଦୀପ୍ତ କୁମାର ବାରିକ, ମହେଶ୍ୱର ଦାଶ, ନରନାରାୟଣ ପରିଡା, ରଶ୍ମିରଞ୍ଜନ ମହାପାତ୍ର, ଗିରିଶ ସାମଲ ପ୍ରମୁଖ ଆଲୋଚନା ସମୟରେ ଉପସ୍ଥିତ ଥିଲେ। ତେବେ ମଙ୍ଗଳବାର ଠାରୁ ଏହି ସୈରାତରୁ ବାଲି ଉଠାଣ ବନ୍ଦ ରହିଥିବା ଜଣାଯାଇଛି।

## କନ୍ଧମାଳ ଜିଲ୍ଲା ମଣିପଦର ଡାମିସାହିଠାରେ ବୃକ୍ଷ ରୋପଣ ଓ ବନ ମହୋତ୍ସବ କାର୍ଯ୍ୟକ୍ରମ

କନ୍ଧମାଳ: କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଫରେଷ୍ଟ ରେଞ୍ଜ ଅଧିନରେ ଥିବା ମଣିପଦର ଡାମିସାହିରେ ଥିବା ଖେଳ ପଡିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫିରିଙ୍ଗିଆ ବିଡିଓ ରଶ୍ମୀରଞ୍ଜନ ମହନ୍ତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବନ୍ଧଗଡର ଫରେଷ୍ଟର ଚନ୍ଦ୍ରମା ପଟ୍ଟନାୟକ ଏବଂ ସେହି ଅଂଚଳର ଫରେଷ୍ଟ ଗାର୍ଡ ମାନଙ୍କ ଆୟୋଜନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବନରକ୍ଷୀ ସଂଗ୍ରାମ ଦିଗାଲ,ଏପିଓ ସୁମନ୍ତ ଉଠାଣସିଂ ପ୍ରମୁଖ ଯୋଗ ଦେଇଥିଲେ।

## କଂଗ୍ରେସ ପକ୍ଷରୁ ପେଟ୍ରୋଲ, ଡିଜେଲ, ଗ୍ୟାସ ଓ ଖାଦ୍ୟ ତେଲର ମୂଲ୍ୟ ବୃଦ୍ଧି ବିରୋଧରେ ଜିଲ୍ଲାର ସମସ୍ତ ବ୍ଲକ ସମ୍ମୁଖରେ ଥାଳି, ଘଂଟା ଓ ଖଞ୍ଜଣି ବଜାଇ ଆନ୍ଦୋଳନ ଆରମ୍ଭ

ବାରିପଦା: ଓଡ଼ିଶାରେ ପେଟ୍ରୋଲ ଓ ଡ଼ିଜେଲର ମୂଲ୍ୟ ୧୦୦ ପାର ହୋଇଛି । ସେହିପରି ରନ୍ଧନ ଗ୍ୟାସର ମୂଲ୍ୟ ୯୦୦, ଖାଦ୍ୟ ତେଲର ମୂଲ୍ୟ ୨୦୦ଟଙ୍କା ଅତିକ୍ରମ କରି ସାରିଛି । ଏଥି ସହିତ ଆଳୁ, ପିଆଜ ସହ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ଆକାଶଛୁଆଁ ହୋଇଯାଇଛି । ଏହି ଅହେତୁକ ମୂଲ୍ୟ ବୃଦ୍ଧିକୁ ନେଇ କେନ୍ଦ୍ରରେ ଭାରତୀୟ ଜନତା ପାର୍ଟି ସରକାର ଓଡ଼ିଶାରେ ବିଜୁ ଜନତା ଦଳ ସରକାରକୁ ଉତର ଦାୟୀ କରୁଥିବା ବେଳେ ବିଜୁ ଜନତା ଦଳ ପକ୍ଷରୁ ଭାରତୀୟ ଜନତା ପାର୍ଟିକୁ ଦାୟୀ କରୁଛି । ପରସ୍ପର ପରସ୍ପର ଉପରେ କାଦୁଅ ଫିଙ୍ଗା ଫିଙ୍ଗି ଜାରି ରଖିଥିବା ସମୟରେ ଉଭୟ ସରକାର ମୂଲ୍ୟବୃଦ୍ଧିକୁ ନିୟନ୍ତ୍ରଣ କରିବା କ୍ଷେତ୍ରରେ କୌଣସି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି । ଫଳରେ ଗରୀବ, ଖଟିଖିଆ, ଦିନ ମଜୁରିଆ, ମଧ୍ୟବିତ ଜନତାଙ୍କ ସମେତ ସମାଜର ସମସ୍ତ ବର୍ଗର ଜନସାଧାରଣ ପ୍ରଭାବିତ ହୋଉଛନ୍ତି । କରୋନା ମହାମାରୀ ଜନସାଧାରଣଙ୍କ ନିକଟରୁ ଆୟ ଉପାର୍ଜନ ଛଡ଼ାଇ ନେଇଥିବା ବେଳେ ମହଙ୍ଗାମାଡ଼ ବୋଝ ଉପରେ ନଳିତାବିଡ଼ା ସଦୃଶ୍ୟ ହୋଇଛି । ଏଣୁ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଚରମ ବିଫଳତା ବିରୋଧରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଡ଼ାକରାରେ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସଙ୍କ ନେତୃତ୍ୱରେ ବ୍ଲକ କଂଗ୍ରେସ ପକ୍ଷରୁ ଜିଲ୍ଲାର ସମସ୍ତ ୨୬ଟି ବ୍ଲକ ସମ୍ମୁଖରେ ଜୁଲାଇ ୭ ପୂର୍ବାହ୍ନ ୧୦ଠାରୁ ମଧ୍ୟାହ୍ନ ୧ ପର୍ଯ୍ୟନ୍ତ ଘଂଟା, ଥାଳି ଓ ଖଞ୍ଜଣି ଆଦି ବଜାଇ ପ୍ରତିବାଦ କରାଯାଇଥିଲା । ଉକ୍ତ ପ୍ରତିବାଦରେ ସମସ୍ତ ବ୍ଲକ କଂଗ୍ରେସ ସଭାପତିମାନେ ନିଜ ନିଜ ଅଂଚଳର କଂଗ୍ରେସ ଦଳର କର୍ମକର୍ତା, ନେତା, ଛାମୁଆଁ ସଙ୍ଗଠନକୁ ନେଇ ଆନ୍ଦୋଳନରେ ସାମିଲ ହୋଇଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ସଦର ମହକୁମା ବାରିପଦା ବ୍ଲକ ସକମ୍ମୁଖରେ ବାରିପଦା ବ୍ଲକ କଂଗ୍ରେସ ସଭାପତି ଚୈତନ୍ୟ ମାଝିଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାରିପଦା ନଗର କମିଟି ସଭାପତି ଶାନ୍ତନୁ ପାଲ, ନିମାଇଁ ମୁର୍ମୁ, ଚାମୁରୁ ହେମ୍ବ୍ରମ, ଦୁର୍ଗା ହେମ୍ବ୍ରମ, ମନୋରଞ୍ଜନ ମହାନ୍ତ, ସୁକୁମାରୀ ବାସ୍କେ, ମିନତୀ ହାଁସଦାଃ, ଲକ୍ଷ୍ମଣ କିସ୍କୁ ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ ଆନ୍ଦୋଳନ ଜୁଲାଇ ୧୭ ପର୍ଯ୍ୟନ୍ତ ଜାରି ରହିବ । ଆସନ୍ତ ୯ରେ ଜିଲ୍ଲାର ସମସ୍ତ ନଗରରେ ଆନ୍ଦୋଳନ ହେବାକୁ ଯାଉଥିବା ବେଳେ ୧୭ରେ ପେଟ୍ରୋଲ ପମ୍ପ ସମ୍ମୁଖରେ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବାରିପଦା ନଗର ସଭାପତି ଶ୍ରୀପାଲ ପ୍ରକାଶ କରିଛନ୍ତି ।

## ପୂର୍ବ ଭାରତର ସବୁଜ ବିପ୍ଳବ ଯୋଜନା (ବିଜିଆର୍‌ଇଆଇ) ଅନ୍ତର୍ଗତ ଧାଡ଼ିରୁଆ ଧାନ ଚାଷ ନିମନ୍ତେ ବିହନ ବଂଟନ କାର୍ଯ୍ୟକ୍ରମ

ଭଦ୍ରକ: ଜିଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଭଦ୍ରକ ଏବଂ ଆଦାନୀ ଫାଉଣ୍ଡେସନ, ଆଦାନୀ ଧାମରା ପୋର୍ଟର ମିଳିତ ସହାୟତାରେ, ପୂର୍ବ ଭାରତର ସବୁଜ ବିପ୍ଳବ ଯୋଜନା (ବିଜିଆର୍‌ଇଆଇ) ଅନ୍ତର୍ଗତ ଧାଡ଼ିରୁଆ ଧାନ ଚାଷ ନିମନ୍ତେ ବିହନ ବ ନ କାର୍ଯ୍ୟକ୍ରମ ଆଜି ସ୍ଥାନୀୟ କରଣପଲ୍ଲୀ ଓ କରଞ୍ଜମାଳ ପ ାୟତରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମକୁ ଚାନ୍ଦବାଲି ବ୍ଲକ ଅଧକ୍ଷା ପ୍ରତିନିଧି ରଞ୍ଜନ କୁମାର ସାହୁ, ଚାନ୍ଦବାଲି ବ୍ଲକ କୃଷି ଅଧିକାରୀ ବୈରାଗୀ ଚରଣ ସେଠୀ ତଥା କରଣପଲ୍ଲୀ ସରପ ବାବୁଲି ସେଠୀ ତଥା ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯଥା ରମେଶ ଚନ୍ଦ୍ର ନାୟକ, ସୁଦର୍ଶନ ମଲ୍ଲିକ ତଥା ଗୋବିନ୍ଦ କୃଷକ ସଂଘ, ମା' ବନଦୁର୍ଗା କୃଷକ ସଂଘ ଏବଂ ମା' ଶୀତଳା କୃଷକ ସଂଘର ସଦସ୍ୟ ପ୍ରମୁଖ ଉପସ୍ଥିତି ରହି ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ଧାମରା ପୋର୍ଟ ପାର୍ଶ୍ୱବର୍ତୀ କରଣପଲ୍ଲୀ ଓ କରଞ୍ଜମାଳର ୫୦୦ ଏକର ଜମିରେ କାର୍ଯ୍ୟକାରୀ କରାଯିବ ଏବଂ ଏହି କାର୍ଯ୍ୟକ୍ରମରୁ ପ୍ରାୟତଃ ୩୫୦ ରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ । ଏହି ଯୋଜନା ଅନ୍ତର୍ଗତ ଚାଷୀମାନଙ୍କୁ ଉନ୍ନତ କିସମର ପ୍ରାମାଣିକ ଧାନ ବିହନ ଯଥା ସିଆର୍ ୧୦୦୯ ସବ ୧ ଏବଂ କଳାଚମ୍ପା ଯୋଗାଇ ଦିଆଯିବ । ବିହନ ରୋପଣ ପରେ ବିଭିନ୍ନ ଅଣୁଶାର, ଘାସମରା ଓ କୀଟନାଶକ ଔଷଧ ସହିତ ଚାଷୀମାନଙ୍କ ନାମ କୃଷି ବିଭାଗରେ ପଞ୍ଜିକରଣ କରାଯିବା ସହ ଏକର ପିଛା ଧାର୍ଯ୍ୟ ଆର୍ଥିକ ସହାୟତା ରାଶି ଦିଆଯିବ ବୋଲି ବ୍ଲକ କୃଷି ଅଧିକାରୀ ସୂଚନା ଦେଇଥିଲେ । ଏଠାରେ ଉଲ୍ଲେଖନୀୟ ଯେ, ଏହି ସରକାରୀ କାର୍ଯ୍ୟକ୍ରମ ଧାମରା ଅ ଳରେ ପ୍ରଥମଥର ପାଇଁ ପରିଚାଳିତ ହେଉଅଛି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଦାନୀ ଧାମରା ପୋର୍ଟ, ଜିଲା କୃଷି ବିଭାଗ ଓ ସ୍ଥାନୀୟ କୃଷକ ସଂଘ ମିଳିତ ଭାବେ ପ୍ରୟାସ କରିବେ । ଚାଷୀମାନଙ୍କୁ ସମୟ ବ୍ୟବଧାନରେ ପରାମର୍ଶ, ବୈଷୟିକ କୌଶଳ ତାଲିମ ଶିବିର ମାଧ୍ୟମରେ ଯୋଗାଇ ଦିଆଯିବ ।

## ଜନସଂଖ୍ୟା ସଚେତନତା ପକ୍ଷ ଓ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳନ

ଧର୍ମଶାଳା: ଖୋର୍ଦ୍ଧା ଜିଲା ସଦର ମହକୁମାରେ ଜନସଂଖ୍ୟା ସଚେତନତା ପକ୍ଷ ଓ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳିତ ହୋଇଯାଇଛି।ଏହି ଅବସରରେ ଏକ ସଚେତନତା ପାଇଁ ରଥ ପରିକ୍ରମାର ଶୁଭାରମ୍ଭ ହୋଇଛି। ଏହାକୁ ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ତେବେ ଜନସଂଖ୍ୟା ସଚେତନତା ପକ୍ଷ ଜୁନ ୨୭ ରୁ ଜୁଲାଇ ୧୦ ତାରିଖ ଓ ଜନସଂଖ୍ୟା ସ୍ଥିରତା ପକ୍ଷ ଜୁଲାଇ ୧୧ ରୁ ୨୪ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି ବୋଲି ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି।ସେ ଆହୁରି ମଧ୍ୟ କହିଛନ୍ତି ଛୋଟ ପରିବାର ସୁଖୀ ପରିବାର।ତେବେ ଏହାକୁ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଲୋକମାନଙ୍କୁ ପ୍ରଚାର ଓ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କରାଯାଉଛି। ସଚେତନତା ରଥ ଜିଲାର ୧୦ଟି ବ୍ଲକର ବିଭିନ୍ନ ଗାଁ ଗାଁ ବୁଲି ସଚେତନତା କରିବ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସା ଧିକାରୀ ବିଶ୍ୱରଞ୍ଜନ ପତି ଯୋଗ ଦେଇ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ପରିବାର ନିୟୋଜନ କାର୍ଯ୍ୟକ୍ରମ ଚଳିତ ମାସ ୧୧ ବିଶ୍ୱ ଜନସଂଖ୍ୟା ଦିବସ ଓ ଜୁଲାଇ ୧୧ ରୁ ୨୪ ତାରିଖ ପର୍ଯ୍ୟନ୍ତ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳନ କରାଯିବ। ତେବେ ବିଶ୍ୱ ଜନସଂଖ୍ୟା ଦିବସ ନେଇ ଚଳିତ ବର୍ଷର ବାର୍ତା ରହିଛି ନ୍ତପରିବାର ନିୟୋଜନ ଏକ ସାମାଜିକ ଦାଇତ୍ୱନ୍ତ।ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ ପୋଷ୍ଟର, ବ୍ୟାନର, ଲିଫଲେଟ,ହୋଡିଙ୍ଗ ଓ ସଚେତନତା ରଥ ମାଧ୍ୟମରେ ସଚେତନ କରାଯିବ। ଏତତ ବ୍ୟତୀତ ଆଶାକର୍ମୀ ମାନେ ସନ୍ତାନକ୍ଷମ ଦମ୍ପତିଙ୍କର ଏକ ତାଲିକା ନବୀକରଣ କରିବା ସହିତ ଗ୍ରାମ୍ୟସ୍ତର ସ୍ୱାସ୍ଥ୍ୟ ଓ ପୋଷଣ ଦିବସରେ ସନ୍ତାନକ୍ଷମ ମହିଳାମାନଙ୍କୁ ସଚେତନ କରାଯିବ।ଏପରିକି ସ୍ୱାସ୍ଥ୍ୟ କାନ୍ଥରେ ସଚେତନତା ବାର୍ତା ରହିବା ବିଭିନ୍ନ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗର୍ଭ ନିରୋଧ ପାଇଁ ଗର୍ଭ ନିରୋଧ ବଟିକା ଓ କଣ୍ଡୋମ ବଂଟନ କରାଯିବ।ସେହିପରି ପରିବାର ନିୟୋଜନ ଅସ୍ତ୍ରୋପଚାର ଶିବିର କରାଯାଇ ସ୍ଥାୟୀ ପରିବାର ନିୟୋଜନ ପାଇଁ ସଂପୃକ୍ତ ହିତାଧିକାରୀଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି।ଏହି କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦ୍ୱାରକା ନାଥ ଶତପଥୀ, ଡିପିଏମ ଗୀତାଞ୍ଜଳି ଦାଶ,ସହକାରୀ ଜନସ୍ୱାସ୍ଥ୍ୟ ସଂଚାର ଅଧିକାରୀ ପ୍ରଦ୍ୟୁମ୍ନ ମିଶ୍ରଙ୍କ ସମେତ ଜିଲା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଲିଟର ୮୦ ଟଙ୍କାରେ ପେଟ୍ରୋଲ ବିକିଲା ଭୁବନେଶ୍ୱର ଜିଲ୍ଲା କଂଗ୍ରେସ

ଭୁବନେଶ୍ୱର : ଆଜି ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ଅଭିନବ ଉପାୟରେ ୮୦ ଟଙ୍କା ପ୍ରତି ଲିଟର ଦରରେ ଜନସାଧାରଣଙ୍କୁ ପେଟ୍ରୋଲ ବିକ୍ରି କରିଛି। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ୟୁନିଟ-୨ (ମାର୍କେଟ ବିଲ୍ଡିଂ) ପେଟ୍ରୋଲ ପମ୍ପ ସାମନାରେ ଆଜି ଜିଲ୍ଲାର କର୍ମକର୍ତା ମାନେ ୧୦୦୦ ଲିଟର ପେଟ୍ରୋଲ, ୮୦ ଟଙ୍କା ପ୍ରତି ଲିଟର ହିସାବରେ ସାଧାରଣ ଜନତାଙ୍କୁ ଯୋଗାଇ ଦେଇଛନ୍ତି। ଶ୍ରୀ ଦାଶ କହିଥିଲେ କରୋନା ମହାମାରୀ ସମୟରେ ଆଜକୁ ପ୍ରାୟ ୨ ବର୍ଷ ହେବ ଲୋକଙ୍କ ରୋଜଗାର ଶୂନ ପ୍ରାୟ ହୋଇଯାଇଥିବା ବେଳେ ତୈଳଦର ଓ ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ନୈରାଶ୍ୟଜନକ, ଆଗକୁ କେନ୍ଦ୍ର ଓ ରାଜ୍ୟ ସରକାର ନଚେତିଲେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପୁନର୍ବାର ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରିବ। ସେହିପରି ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ସଭାପତି ଶ୍ରୀ ମାନସ ଚୌଧୁରୀ ଯୋଗଦେଇ କହିଥିଲେ ୟୁପିଏ ସରକାର ସମୟରେ ଅଶୋଧିତ ତୈଳଦର ବର୍ତମାନ ଅଶୋଧିତ ତୈଳଦରର ଦୁଇଗୁଣ ଥିବା ବେଳେ କଂଗ୍ରେସ ସରକାର ୬୦ଟଙ୍କାର ପେଟ୍ରୋଲ ଯୋଗାଇଦେଇଥିଲେ ଏବେ ଆର୍ନ୍ତଜାତିକ ବଜାରରେ ଅଶୋଧିତ ତୈଳଦର କମ ଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟ୍ୟାକ୍ସ ଯୋଗୁଁ ଆଜି ତୈଳଦର ୧୦୦ ଟଙ୍କା ଟପିଲାଣି। ଯଦି ଉଭୟ ସରକାର ଏହି ଦରବୃଦ୍ଧି ଉପରେ ତୁରନ୍ତ ଅଙ୍କୁଶ ନଲାଗନ୍ତି ତେବେ ଜିଲ୍ଲା, ଛାତ୍ର, ଯୁବ ଓ ମହିଳା କଂଗ୍ରେସ ସାଧାରଣ ଜନତାଙ୍କ ପାଇଁ ବିକ୍ଷୋଭ ଜାରି ରଖିବ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଉପସଭାପତି ଶ୍ରୀ ସୁବ୍ରତ ମହାପାତ୍ର ପରିଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌କେ ଅକତାବ ଅଲ୍ଲି, ମନୋରଜ ଜେନା, ଅଶୋକ ଦାସ, ମିହିର ଆଚାର୍ଯ୍ୟ, ଶ୍ରୀଧର ବଳିଆର ସିଂ, ଦେବରାଜ ମିଶ୍ର, ଇନ୍ଦ୍ରଜିତ ପରିଡ଼ା, ଜୟକୃଷ୍ଣ ସୁବୁଦ୍ଧି, ପ୍ରଶନ୍ନ ନାୟକ, ମନୋଜ ସାହୁ, ଦୀପକ କୁମାର ମହାପାତ୍ର, କୁଶୁମ ପ୍ରଧାନ, ଶ୍ରୀୟା ପଣ୍ଡା, କୁଳମଣି ସାହୁ, ମୋହନ ଜେନା, ଏସ୍‌କେ ତାକୁଦ୍ଦିନ, ଶୁଭ୍ରଜ୍ୟୋତି ଲେଙ୍କା, ମାନସ ସେଠୀ, ଦେବାଶିଷ ଦାସ, ଅକ୍ଷୟ ଦାସ, ଦୁର୍ଗାପ୍ରସାଦ ମାହାଲା, ରଜନୀ ମହାନ୍ତି, ପବିତ୍ର ମହାନ୍ତି, ପ୍ରକାଶ ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ।

# ଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଘର ଯୋଗାଇବା ଦାବିରେ ବିଜେପିର ରାଜ୍ୟବ୍ୟାପୀ ପ୍ରତିବାଦ

ଭୁବନେଶ୍ୱର: ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରୀବଙ୍କୁ ବାସଗୃହ ଆବଂଟନ ପ୍ରସଙ୍ଗରେ ଓଡିଶା ଆସିଥିବା କେନ୍ଦ୍ରୀୟ ଟିମ୍ ତାଙ୍କ ତଦନ୍ତ ରିପୋର୍ଟ ଅନୁଯାୟୀ ଏକ ମହାଦୁର୍ନୀତିର ପର୍ଦ୍ଦାଫାଶ ହୋଇଛି । ରିପୋର୍ଟ ଅନୁଯାୟୀ ୧ ଲକ୍ଷରୁ ଉର୍ଦ୍ଧ୍ୱ ଘର ବଂଟନରେ ଅନିୟମିତତା ହେବା ସହ ପାଖାପାଖି ୧୦୦୦ କୋଟି ଟଙ୍କାର ବାଟମାରଣା ହୋଇଛି । ରାଜ୍ୟରେ ଜଣେ ହେଲେ ଯୋଗ୍ୟ ହିତାଧିକାରୀ ଯେପରି ବାସଗୃହ ପାଇବାରୁ ବଂଚିତ ନହୁଅନ୍ତି, ସେଥି ପାଇଁ ରାଜ୍ୟ ବିଜେପି ତରଫରୁ ଆଜିଠୁ ୩ ଦିନ ଧରି ସମସ୍ତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଧାରଣା ପ୍ରଦର୍ଶନ କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ରାଜ୍ୟରେ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଖଣ୍ଡେ ନ ମିଳିବା ପର୍ଯ୍ୟନ୍ତ ବିଜେପି ଲଢେଇ ଜାରି ରଖିବ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ବିଜେପି ଅଭିଯୋଗ କରିଛି ଯେ ଅଯୋଗ୍ୟ ହିତାଧିକାରୀଙ୍କୁ ଦଳୀୟ ଭିତିରେ, ଗୋଟିଏ ଗୋଟିଏ ପରିବାରରେ ଏକାଧିକ, ଅଯଥା ଅନୁକଂପା ପ୍ରଦର୍ଶନ, ଗୁହାଳକୁ କଚ୍ଚା ଘର ଭାବେ ଜିଓ ଟ୍ୟାଗିଂ କରାଯାଇ ବାସଗୃହ ଆବଂଟନ କରାଯାଇଛି । ଏପରିକି ଏ ସମସ୍ତ ତଥ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା ୱେବସାଇଟରେ ନିର୍ମିତ ଘରର ଡମି/ନକଲି ଏଂଟ୍ରି କରାଯାଇଛି । ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ଷ୍ଟିକର ଛୋଟ ଆକାରରେ ଓ ବିଜୁ ପକ୍କା ଘର ଯୋଜନାର ବଡ ଷ୍ଟିକର ଲଗାଯାଇଛି । ପିଏମ ଆବାସ ଯୋଜନାର ପାଣ୍ଠିକୁ ଅନ୍ୟ କାହାକୁ ହସ୍ତାନ୍ତର କରିବା ପାଇଁ ପ୍ରକୃତ ହିତାଧିକାରୀଙ୍କ ବ୍ୟାଙ୍କ ନମ୍ବରକୁ ପରିବର୍ତନ କରାଯାଇଛି । ବଲାଙ୍ଗୀର ଜିଲ୍ଲାର ପାଟଣାଗଡରେ ପୂର୍ବତନ ମନ୍ତ୍ରୀ କେ.ଭି.ସିଂହଦେଓ, କଂଟାବାଂଜିରେ ସାଂସଦ ସଂଗୀତା ସିଂହଦେଓ, ଲୋଇସିଙ୍ଗାରେ ବିଧାୟକ ଡ.ମୁକେଶ ମହାଲିଙ୍ଗ; ସମ୍ବଲପୁର ଜିଲ୍ଲା ଜମନକିରାରେ ରାଜ୍ୟ ସାଧାରଣ ସଂପାଦକ ରବି ନାଏକ, ଧନକଉଡାରେ ରାଜ୍ୟ ଉପସଭାପତି ତଥା ବିଧାୟକ ନାଉରୀ ନାଏକ; ତାଳଚେରରେ ରାଜ୍ୟ ସଂପାଦକ କାଳନ୍ଦୀ ସାମଲ; ଝାରସୁଗୁଡା ଜିଲ୍ଲା କିର୍ମିରା ଓ ଲଇକେରାରେ ବିଧାୟକ ଶଂକର ଓରାମ ଏବଂ ରାଜ୍ୟ ସଂପାଦକ ଟଙ୍କଧର ତ୍ରିପାଠୀ; ସୁନ୍ଦରଗଡ ଜିଲ୍ଲା ଟାଙ୍ଗରପାଲୀ ଓ ଲେଫ୍ରିପଡାରେ ବିଧାୟକ ଭବାନୀ ଭୋଇ ଏବଂ ବିଧାୟିକା କୁସୁମ ଟେଟେ; ଗଜପତି ଜିଲ୍ଲା ଘୁମାରେ ବିଧାୟକ କେ.ନାରାୟଣ ରାଓ ଏବଂ ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର; ଭଦ୍ରକ ଜିଲ୍ଲାର ଭଦ୍ରକ ଓ ଚାନ୍ଦବାଲି; ଜଗତସିଂହପୁର ଜିଲ୍ଲାର ତିର୍ତୋଲ; ବରଗଡ ଜିଲ୍ଲାର ଭଟଲି; ସୋନପୁର ଜିଲ୍ଲାର ବିନିକା ବ୍ଲକ ସମେତ ପ୍ରମୁଖ ସ୍ଥାନରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ବିଡିଓ ଜରିଆରେ ପ୍ରଦାନ କରାଯାଇଥିଲା ।ରାଜ୍ୟରେ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଖଣ୍ଡେ ନ ମିଳିବା ପର୍ଯ୍ୟନ୍ତ ବିଜେପି ଲଢେଇ ଜାରି ରଖିବ । ଆବାସ ଯୋଜନାରେ ହୋଇଥିବା ମହାଦୁର୍ନୀତି ବିରୁଦ୍ଧରେ ବ୍ୟାପକ ଜନ ଆନ୍ଦୋଳନ କରାଯିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ବିଜେପି ପକ୍ଷରୁ ନିଆଯିବ ବୋଲି ପାର୍ଟୀ ତରଫରୁ ସ୍ପଷ୍ଟ ରୂପେ ଘୋଷଣା କରାଯାଇଛି ।

# କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଂଚ ପକ୍ଷରୁ ଅଗଷ୍ଟ ୯ କ୍ରାନ୍ତି ଦିବସକୁ ଭାରତ ବଂଚାଅ ଦିବସ ରୂପେ ପାଳନ




କେନ୍ଦ୍ରାପଡ଼ା: କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଂଚ ପକ୍ଷରୁ ଅଗଷ୍ଟ ୯ କ୍ରାନ୍ତି ଦିବସକୁ ଭାରତ ବଞ୍ଚାଅ ଦିବସ ରୂପେ ପାଳନ ପାଇଁ ଆହ୍ୱାନ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଥିଲା । ସଂପ୍ରତି ଦେଶରେ ବେରୋଜଗାର, ଶ୍ରମିକ ଛଟେଇ, ଶ୍ରମିକ ନେତା ଓ ସାମ୍ବାଦିକଙ୍କ ଉପରେ ଦେଶଦ୍ରୋହ ଆଇନ ଆଳରେ ଦମନ ଏବଂ ଜରୁରୀ କାଳୀନ ପରିସ୍ଥିତି ଭଳି ସ୍ଥିତି, ଶ୍ରମ ଆଇନ ଏବଂ କୃଷି ଆଇନର ସଂପୂର୍ଣ୍ଣ ପ୍ରତ୍ୟାହାର, ମୋଦୀ – ଶାହାଙ୍କର ହିଟଲରୀ ଶାସନରୁ ମୁକ୍ତି ତଥା ଦେଶର ଗଣତନ୍ତ୍ର, ସମାଜବାଦ ଓ ଧର୍ମ ନିରପେକ୍ଷ ନୀତିର ସୁରକ୍ଷା ପାଇଁ ୯ ଅଗଷ୍ଟ କ୍ରାନ୍ତି ଦିବସକୁ "ଭାରତ ବଂଚାଅ ଦିବସ" ଭାବେ ପାଳନ କରାଯାଇ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନଙ୍କ ପକ୍ଷରୁ ମିଳିତ ଆହ୍ୱାନ ଦିଆଯାଇଥିଲା। ଏହି ସ୍ମାରକପତ୍ର ପ୍ରଦାନ ସମୟରେ କେନ୍ଦ୍ରାପଡା ଜିଲ୍ଲା କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଂଚ ପକ୍ଷରୁ ଆଇ.ଏନ.ଟି.ୟୁ.ସି ର ସଭାପତି ମୁକ୍ତାର ଖାଁ, ଏ.ଆଇ.ଟିୟୁ.ସି ର ସଭାପତି ବାବାଜୀ ଧଳ, ସି.ଆଇ.ଟି.ୟୁ.ର ମାଧବ ଦାସ, ଏ.ଆଇ.ସି.ସି.ଟି.ୟୁ ର ଜିଲ୍ଲା ସଂପାଦକ ବସନ୍ତ ମଲିକ,ଏଚ.ଏମ.ଏସ.ର ପରମେଶ୍ୱର ପାତ୍ର, ରମଣୀରଞ୍ଜନ ରାଉତରାୟ, ସୁହାନା ବେଗମ, ଅକ୍ତରୀ ବେଗମ, ଶଙ୍କର ଜେନା, ଆଦିକନ୍ଦ ରାଉଳ, ଫକିର ଚରଣ ଖଟୁଆ, କୃଷ୍ଣ ଚନ୍ଦ୍ର ରାଉତ, ସଦାଶିବ ରାଉତ, ବସନ୍ତ କୁମାର ସେଠୀ, ଭୀମ ଜେନା, ଜସମିନ ପରୱିନ, ପ୍ରକାଶ ଚନ୍ଦ୍ର ମଲିକ, ଶ୍ରୀକାନ୍ତ ଲେଙ୍କା, ଗଦାଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଷ୍ଟ୍ରୀୟ ଏକତା କ୍ଷେତ୍ରରେ ସ୍ୱାମୀ ନିଶ୍ଚଳାନନ୍ଦ ଜଣେ ଅଗ୍ରଗଣ୍ୟ ସନ୍ଥ

ଭୁବନେଶ୍ୱର : ଆଦିଶଙ୍କରଙ୍କ ପ୍ରତିଷ୍ଠିତ ଗୋବର୍ଦ୍ଧନ ପୀଠର ୧୪୫ତମ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ୭୮ତମ ପ୍ରକଟ ଉତ୍ସବ ଆଜି ରାମରାଜ୍ୟ ପରିଷଦ ପକ୍ଷରୁ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଜୁମ୍ ଭିଡ଼ିଓ ଯୋଗେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ନିଗମ କଳ୍ପତରୁ ଆଶ୍ରମର ପ୍ରତିଷ୍ଠାତା ସନ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ କହିଲେ ଯେ, ୧୯୯୨ ମସିହାରେ ପୂଜ୍ୟପାଦ ଗୁରୁଜୀ ଗୋବର୍ଦ୍ଧନ ପୀଠର ୧୪୫ତମ ଶଙ୍କରାଚାର୍ଯ୍ୟ ଭାବେ ଅଧିଷ୍ଠିତ ହେବା ଦିନଠାରୁ, ହିନ୍ଦୁଧର୍ମ ଓ ଗୋମାତାର ସୁରକ୍ଷା ପାଇଁ ବିଶେଷ ଭାବରେ ଭାରତବର୍ଷର ଏକତା ଅଖଣ୍ଡତା ପାଇଁ ବର୍ଷକୁ ୨୫୦ଦିନ ଭାରତଭ୍ରମଣ କରିଥାନ୍ତି। ଗୁରୁଜୀଙ୍କ ଦୀର୍ଘଜୀବନ କାମନା କରି ଦିବ୍ୟଜୀବନ ସଂଘର ସନ୍ଥ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ଗୁରୁଜୀ ଜଣେ ପ୍ରଚଣ୍ଡ ବିଦ୍ୱାନ, ବୈଦିକ ଗଣିତରେ ସାରା ବିଶ୍ୱରେ ସେହିଁ ଏକମାତ୍ର ବ୍ୟକ୍ତି, ଗଣିତର ସମସ୍ତ ସୂତ୍ରକୁ ବେଦର ସୂତ୍ର ଅନୁସାରେ ସମାଧାନ କରିବାରେ ସକ୍ଷମ।ଗୁରୁଜୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ କହିଲେ ଯେ, ବଂଶ ପରମ୍ପରା କ୍ରମେ ଗୁରୁଜୀଙ୍କ ପରିବାର ଏକ ସଂସ୍କୃତ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ ଶାଣ୍ଡିଲ୍ୟ ଗୋତ୍ରିୟ ବ୍ରାହ୍ମଣ ପରିବାର। ପରିବାରର ଛାପରେ ଗୁରୁଜୀ ସମ୍ପୂର୍ଣ୍ଣ ଭାବେ ମହିମା ମଣ୍ଡିତ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଶିଷ୍ଟ ବୈଦିକ ବିଦ୍ୱାନ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବୈଦିକ ସ୍ୱସ୍ତିବାଚନ ଓ କାର୍ଯ୍ୟକ୍ରମର ସଂଯୋଜକ ଶିକ୍ଷାବିତ ଡଃ ବଦ୍ରୀନାଥ ପଟ୍ଟନାୟକ ଗୁରୁଜୀଙ୍କ ଅଧ୍ୟାତ୍ମ । ବିଷୟରେ ଆଲୋଚନା କରିଥିଲେ। ବୁଦ୍ଧ ମନ୍ଦିରର ସମ୍ପାଦକ ତଥା ଟ୍ରଷ୍ଟି ଡଃ ସୌରେନ୍ଦ୍ର କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁଜୀଙ୍କ ଦୀର୍ଘଜୀବନ କାମନା କରି ଏକ ବୈଦିକ ଯଜ୍ଞ ସ୍ୱାମୀ ସ୍ୱର୍ଣ୍ଣ ଭବନଠାରେ ପଣ୍ଡିତ ଡଃ ନିରଞ୍ଜନ ବ୍ରହ୍ମା ଓ ପଣ୍ଡିତ ବିନୋଦ ବିହାରୀ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା ।ଆଜିର କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତି ତିରୁପତିର ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ଡଃ ଜ୍ଞାନରଞ୍ଜନ ପଣ୍ଡା, ପ୍ରଫେସର ବୁଦ୍ଧଦେବ ମିଶ୍ର, ଆଦିଶଙ୍କର ବେଦାନ୍ତ ପ୍ରତିଷ୍ଠାନମର ଅଧକ୍ଷ ପୂର୍ବତନ କୁଳପତି ନରେନ୍ଦ୍ର କୁମାର ମିଶ୍ର, ପୂର୍ବତନ ଆଇ.ଜି. ଅରୁଣ କୁମାର ଉପାଧ୍ୟାୟ, ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ପଣ୍ଡା, ପୂର୍ବତନ ଅଧକ୍ଷ ଡଃ ଆର୍ତତ୍ରାଣ ମିଶ୍ର ପ୍ରମୁଖ ଗୁରୁଜୀଙ୍କ ରାଷ୍ଟ୍ର ନିର୍ମାଣରେ ଯୁବକମାନଙ୍କୁ ଗୁରତ୍ୱ ଦେବା ପାଇଁ କରୁଥିବା ଦାବୀକୁ ସରକାର ଗ୍ରହଣ କରିବା ଉଚିତ୍ ବୋଲି କହିଥିଲେ।

# ମାଟି ଏବଂ ପଲିଥିନ୍ ଘରେ ବିତୁଛି ଜୀବନ

ଘଟଗାଁ(ପିଏନ)-ଉଭୟ କେନ୍ଦ୍ର ଏବଂ ରାଜ୍ୟ ପ୍ରତ୍ୟେକ ଦିନ ଅନେକ ଗରିବ ବାସହରା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର କିମ୍ବା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ କରାଇ ଘର ଯୋଗାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ଲୋକ ଆଜିବି ଝାଟି ମାଟି ଏବଂ ପାଲ ପଲିଥିନ୍ ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରୀପଶୀ ଗାଁରେ । ଗାଁର ଚରଣ ମୁଣ୍ଡା ଆଜକୁ ତିନି ବର୍ଷ ହେବ ଏକ ଝାଟି, ପିଲିଥିନ୍‌କୁ ଘରର କାନ୍ଥ କରି ରହୁଥିବା ଦେଖିବାକୁ ମିଳୁଛି । ଚରଣ ଦିନ ମଜୁରୀଆ ହୋଇଥିବାରୁ ଘର ଖଣ୍ଡିଏ ବନାଇବାକୁ ସକ୍ଷମ ନାହିଁ ତାର । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରିପଶୀ ଗାଁର ରାଜାବନ୍ଧ ସାହିର ଚରଣ ମୁଣ୍ଡା । ବୟସ ପାଖାପାଖି ୪୦ ହେବ । ପରିବାରରେ ସ୍ତ୍ରୀ ସହିତ ତିନୋଟି ପୁଅ । ଚରଣ ଜଣେ ଦିନ ମଜୁରୀଆ ଖଟିଖିଆ ଲୋକ । ପ୍ରତ୍ୟେକ ଦିନ ଯାହା ମୁଲମଜୁରି କରି ଆଣିଥାଏ, ସେସବୁ ପରିବାରର ଖାଇବାକୁ ମଧ୍ୟ ଅଂଟେନାହିଁ । ପୂର୍ବରୁ ସେ ବରାହଟିପୁରା ଗାଁରେ ରହୁଥିଲେ, ବାପା ଚାଲି ଗଲା ପରେ ବାସ ହରା ହୋଇ ଆଜକୁ ତିନି ବର୍ଷ ହେବ ସୁନାରିପଶି ଗାଁର ରଜାବନ୍ଧ ସାହିରେ ରହୁଛନ୍ତି । ଚରଣ ସ୍ତ୍ରୀ ସହିତ ତିନି ପୁଅଙ୍କୁ ନେଇ ନାହିଁ ନଥିବା ଅଭାବ ଅନଟନରେ ଜୀବନ ବିତାଉଛନ୍ତି । ଠିକ୍‌ସେ ନିଜ ପରିବାରର ଗୁଜରାଣ ମେଂଟାଇପାରୁ ନଥିବା ଚରଣ ଘର ଖଣ୍ଡିଏ ବନାଇବା ପାଇଁ ତା ପାଖରେ ସମ୍ବଳ ନାହିଁ । ଯାହାଫଳରେ ଆଜକୁ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଝାଟି, ପଲିଥିନକୁ କାନ୍ଥ କରି ଗୋଟିଏ ଝାଟି ଘରେ ରହୁଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ସରକାଙ୍ଗ ପ୍ରଧାନ ମନ୍ତ୍ରୀ ଏବଂ ବିଜୁ ବିଜୁ ପକ୍କା ଘର ଯୋଜନା ସାତସପନ । ତେବେ ବାସ ହରା ଲୋକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିଲେ ମଧ୍ୟ ଆଜିବି ଅନେକ ଲୋକ ଏଭଳି ଅବସ୍ଥାରେ ଝାଟି, ପଲିଥିନ୍‌କୁ କାନ୍ଥ କରି ରହୁଛନ୍ତି । ଚରଣ ମଧ୍ୟ ଆଜକୁ ତିନି ବର୍ଷ ହେବ ଏହି ଝାଟିମାଟିରେ ତିଆରି କାନ୍ଥ ପାଂଚ ଜଣ ପରିବାରକୁ ନେଇ ଏଭଳି ଦୁର୍ଦ୍ଦିନରେ ରହୁଛି । ତେବେ ଆମ ପ୍ରତିନିଧି ଚରଣଙ୍କ କରୁଣ କାହାଣୀ ଘଟଗାଁ ବିଡିଓଙ୍କ ପାଖରେ ଅବଗତ କରାଇବାରୁ ସେ ଖୁବଶିଘ୍ର ସରକାରଙ୍କ ଆବାସ କିମ୍ବା ପକ୍କା ଘର ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଘର ଖଣ୍ଡିଏ ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରତିସୃତି ଦେଇଛନ୍ତିମ ।

## କେନ୍ଦୁଝର ଜିଲ୍ଲା କଂଗ୍ରେସ ତରଫରୁ କ୍ରାନ୍ତି ଦିବସ ପାଳିତ

କେନ୍ଦୁଝର: ଭାରତ ଛାଡ ଆନ୍ଦୋଳନର ୭୯ତମ ବାର୍ଷିକ ଉତ୍ସବ ଜିଲ୍ଲା କଂଗ୍ରେସ କମିଟି ଦ୍ୱାରା ପାଳିତ ହୋଇଯାଇଛି । ଔପନିବେଶିକ ସାମ୍ରାଜ୍ୟବାଦ ବିରୁଦ୍ଧରେ ଲଢେଇ କରିଥିବା ସହୀଦ ଓ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସମ୍ମାନାର୍ଥେ ସ୍ଥାନୀୟ କଂଗ୍ରେସ ଭବନରେ ସେମାନଙ୍କର ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ମହାପୁରୁଷ ମାନଙ୍କର ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା।

**ଘୋଷଣା**

ଯାନ୍ତ୍ରିକ ତ୍ରୁଟି ଯୋଗୁଁ ନ୍ତପର୍ଯ୍ୟବେକ୍ଷକ' ୯ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

-ପ୍ରକାଶକ

# ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक



Bhubaneswar Tuesday August 10, 2021 ଭୁବନେଶ୍ୱର ମଙ୍ଗଳବାର, ଅଗଷ୍ଟ ୧୦,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## କେନ୍ଦୁଝର ଜିଲ୍ଲା ଟେଣ୍ଟ ଓ ଲାଇଟ୍ ସାଉଣ୍ଡ ସଂଘର ବିଭିନ୍ନ ଦାବୀ ନେଇ ବିକ୍ଷୋଭ: ୨୫ ଜଣଙ୍କ ବଦଳରେ ଅନ୍ୟୁନ ୩୦୦ଜଣ ଲୋକଙ୍କୁ ଅନୁମତି ଦେବାକୁ ସଂଘ ପକ୍ଷରୁ ଦାବୀ

କେନ୍ଦୁଝର: କେନ୍ଦୁଝର ଜିଲ୍ଲା ଟେଣ୍ଟ ଓ ଲାଇଟ୍ ସାଉଣ୍ଡ ସଂଘ ପକ୍ଷରୁ ବିଭିନ୍ନ ଦାବୀ ନେଇ ସୋମବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦୁଇ ବର୍ଷ ହେବ କରୋନା ମହାମାରୀ ପ୍ରଭାବରେ ଅନେକ ମାଲିକ ଏବଂ କାମ କରୁଥିବା କର୍ମଚାରୀ ଜୀବିକା ହରାଇଛନ୍ତି। ବିଶେଷ କରି ଫୁଲ,ଲାଇଟ, ସାଉଣ୍ଡ ଓ ଟେଣ୍ଟ ମାଲିକ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଥି ସହ ଏହି ବ୍ୟବୀୟ ଉପରେ ନିର୍ଭର କରୁଥିବା ଶହ ଶହ କର୍ମଚାରୀମାନେ ବେରୋଜଗାର ହୋଇଛନ୍ତି। ରାଜ୍ୟ ସରକାରଙ୍କ କରୋନା କଟକଣା ଯୋଗୁଁ ବିବାହ,ବ୍ରତ, ଓ ସୁଧି କାମରେ ବ୍ୟବହାର ହେଉଥିବା ଫୁଲ,ଲାଇଟ,ସାଉଣ୍ଡ ଓ ଟେଣ୍ଟ ବ୍ୟବସାୟ ବନ୍ଦ ହୋଇଯାଇଛି। ଦୀର୍ଘ ଦିନ ଧରି କୋଭିଡ କଟକଣା ଯୋଗୁଁ ଉପରୋକ୍ତ ସାମାଜିକ କାର୍ଯ୍ୟକ୍ରମଗୁଡିକ ଏକ ପ୍ରକାର ବନ୍ଦ ହୋଇ ରହିଛି। ଫଳରେ ଏହା ଉପରେ ନିର୍ଭରଶୀଳ ଲୋକଙ୍କ ଆର୍ଥିକ ସ୍ଥିତି ଦୟନୀୟ ହୋଇପଡିଛି। ତେଣୁ ସରକାର ଏ କ୍ଷେତ୍ରରେ ଥିବା କୋଭିଡ ନିୟମକୁ ସାମାନ୍ୟ କୋହଳ କରି ଅନ୍ୟୁନ ୩ଶହ ବ୍ୟକ୍ତିବିଶେଷଙ୍କ ଅନୁମତି ପ୍ରଦାନ କରାଗଲେ ସେମାନଙ୍କ ଜୀବନଜୀବିକା ନିର୍ବାହରେ ପ୍ରତିବନ୍ଧକ ହୁଅନ୍ତା ନାହିଁ ବୋଲି ସଂଘ ପକ୍ଷରୁ ଦାବୀ କରାଯାଇଛି। ଏଭଳି ପରିସ୍ଥିତିରେ ଅନଲକ୍‌ରେ ବିବାହ,ବ୍ରତଘର,ଶୁଦ୍ଧିକ୍ରିୟାରେ ସରକାର ୨୫ଜଣ ସାମିଲ ହେବାକୁ ଅନୁମତି ପ୍ରଦାନ କରିବା ନିଷ୍ପତ୍ତି କୁ ସଂଘ ବିରୋଧ କରି ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଦାବୀ କରିଛି। ୨୫ ଜଣଙ୍କ ବଦଳରେ ଅନ୍ୟୁନ ୩୦୦ଜଣ ଲୋକଙ୍କୁ ଏହି କାର୍ଯ୍ୟରେ ସାମିଲ କରିବା ପାଇଁ ଅନୁମତି ଦେବାକୁ ସଂଘ ପକ୍ଷରୁ ଦାବୀ କରାଯାଇଛି। ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବୀ କରିଛନ୍ତି ମାଲିକମାନେ। ଯଦି ସରକାର ଏଥିପ୍ରତି ପଦକ୍ଷେପ ନ ନିଅନ୍ତି ସଂଘ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘର ସଭାପତି ଚିନ୍ମୟ ସାହୁ ଚେତାବନୀ ଦେଇଛନ୍ତି। ଏବେ ନିଜେ ଚଳିବା କଷ୍ଟକର ହୋଇ ପଡିଲାଣି। ନା ଷ୍ଟାଫ ଚଳାଇ ପାରୁଛୁ ନା ନିଜେ ଚଳି ପାରୁଛୁ। ୨ ବର୍ଷ ହେବ ବେକାର ହୋଇ ବସିଛୁ ବୋଲି କ୍ଷୋଭର ସହ ସେ କହିଛନ୍ତି। ଅଗଷ୍ଟ ମାସ ଭିତରେ ଅନୁମତି ମିଳିଲେ କିଛି ବୁକିଂ କରି ପାରିବୁ ବୋଲି କହିଛନ୍ତି। ସରକାର ମଲ,ସିନେମା ହଲ,ପାର୍କ ଆଦି ଖୋଲି ସାରିଲେଣି। ହେଲେ ଆମକୁ କାହିଁକି ୨୫ରେ ସୀମିତ ରଖିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ସରକାରଙ୍କ ଗାଇଡ ଲାଇନ ଅନୁସାରେ ଆମେ କା କରିବାକୁ ରାଜି ଅଛୁ ବୋଲି ସଦସ୍ୟମାନେ କହିଛନ୍ତି। ପରେ ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି। ସଭାପତି ଚିନ୍ମୟ ସାହୁ,ସମ୍ପାଦକ ଚିତ୍ତରନ ବେହେରା,ଉପସଭାପତି ମିତ୍ରଭାନୁ ସାହୁ,ଯୁଗ୍ମ ସମ୍ପାଦକ ଦିବ୍ୟରନ ମହାପାତ୍ର,କୋଷାଧକ୍ଷ ରତିରନ ସାହୁ,ଉପଦେଷ୍ଟା ରବିନ୍ଦ୍ର କୁମାର ରାଉତ,ସୁଧାଂଶୁ ଭୂଷଣ ସାହୁ,ପୂର୍ଣ୍ଣଚନ୍ଦ୍ର ଚକ୍ରବର୍ତ୍ତୀ,ଦଶରଥ ସାହୁ,ବଦ୍ରି ନାରାୟଣ ପାଢୀ,ମାନସ ରନ ସାହୁ,ସୁରେଶ କୁମାର ଜେନା,ଅନୀତା ମହାନ୍ତ,ସୁବାଷ ଚନ୍ଦ୍ର ସାହୁ,ଲକ୍ଷ୍ମୀ ମହାନ୍ତ,ଲୁଲୁ ସାହୁ,ରାମଚନ୍ଦ୍ର ନାୟକ,ଦେବାଶିଷ ମହାନ୍ତି,ଟଙ୍କଧର ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ଘଟଗାଁ ଓ ଉପରଡିହା ଠାରେ ଶିକ୍ଷା ସହାୟତା କେନ୍ଦ୍ର

ଘଟଗାଁ: ପାଠ ପଢୁ ନଥିବା ଅଥବା ଅଧାରୁ ପାଠ ଛାଡିଥିବା ୬ ରୁ ୧୮ ବର୍ଷ ପିଲାମାନଙ୍କୁ ବୟସ ଉପଯୋଗି ଶ୍ରେଣୀରେ ପିକରଣ କରିବା ବା ସଂପୃକ୍ତ ସାହିରେ ସେମାନଙ୍କୁ ପାଠ ପଢାଇବା ସହ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ କେନ୍ଦୁଝର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଘଟଗାଁସ୍ଥିତ ମୁକୁନ୍ଦପୁରପାଟଣା ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଓ ଉପରଡିହା ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ଶିକ୍ଷା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମୁକୁନ୍ଦପୁରପାଟଣା ପଂଚାୟତ କାର୍ଯ୍ୟାଳୟ ଠାରେ ସରପଂଚ ଅନ୍ନପୂର୍ଣ୍ଣା ଦେହୁରୀଙ୍କ ଅଧକ୍ଷତାରେ ସମିତିସଭ୍ୟ ପ୍ରଫୁଲ କୁମାର ସାହୁ, ଶିକ୍ଷାବିତ୍ ହରିହର ପଣ୍ଡା, ଶିକ୍ଷକ ସନ୍ତୋଷ ପତି, ଯଜାତି ବେଜ, ପ୍ରସନ୍ନ କୁମାର ବେହେରା, ଶିକ୍ଷୟତ୍ରୀ ମୁଗ୍ରୀ ସେଠୀ, ପଙ୍କଜିନୀ ମହାନ୍ତ, କୁମୁଦିନୀ ଦେହୁରୀ, ବନଜ୍ୟୋସ୍ନା ଜେନା, ଅଙ୍ଗନଓ୍ୱାଡି କର୍ମୀ ସଂଯୁକ୍ତା ସା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସହ ଶିକ୍ଷା ସହାୟତା କେନ୍ଦ୍ରର ସଦସ୍ୟତା ଗ୍ରହଣ କରିଥିଲେ । ଅନୁରୂପ ଭାବେ ଉପରଡିହା ପଂଚାୟତ କାର୍ଯ୍ୟାଳୟରେ ସରପଂଚ ପ୍ରହ୍ଲାଦ ଗାଗାରାଇଙ୍କ ଅଧକ୍ଷତାରେ ସମିତିସଭ୍ୟା ଅନୁପମା ବେହେରା, ବାଲିଯୋଡି ୟୁ.ଜି.ୟୁ.ପି.

## ଟୀକା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ପେଲାଠେଲା ଯୋଗୁଁ ଉତ୍ତେଜନା

ଖଣ୍ଡପଡା,:ଖଣ୍ଡପଡା ବ୍ଲକ ଅଧିନ ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୋମବାର ଜନସାଧାରଣଙ୍କୁ କୋଭିଡ ଟୀକା ପ୍ରଦାନ କରାଯାଇଥିଲା । ଟୀକା ନେବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଖପାଖ ଅଂଚଳରୁ ଶତାଧିକ ଜନସାଧାରଣଙ୍କ ଭିଡ ଜମିଥିଲା। ଟିକା ନେବା ପାଇଁ ପୁରୁଷ ଓ ମହିଳାମାନେ ଦିର୍ଘ ସମୟ ଧରି ଲମ୍ବା ଲାଇନରେ ଛିଡା ହୋଇଥିଲେ। ତେବେ ଟୀକା ପ୍ରଦାନରେ ବିଳମ୍ବ ସାଙ୍ଗକୁ ଦିର୍ଘ ସମୟ ଧରି ଲାଇନରେ ଛିଡା ହୋଇଥିବା ଜନସାଧାରଣଙ୍କ ମଧ୍ୟରୁ କେତେକ ବ୍ୟକ୍ତି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରି ଠେଲା ପେଲା କରିବା ଯୋଗୁଁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଲାଇନରେ ଠିଆ ହୋଇଥିବା ଜନସାଧାରଣ ପ୍ରଚଣ୍ଡ ରୌଦ୍ରତାପର ପ୍ରଭାବରେ ଆଉ ଲାଇନରେ ଠିଆହୋଇ ନପାରି ପରିଶେଷରେ ନିଜ ନିଜର ଚପଲ ଗୁଡିକୁ ପଛକୁ ପଛ ଥୋଇ ଲମ୍ବା ଲାଇନ କରିଥିବା ଦୃଶ୍ୟ ନଜରକୁ ଆସିଥିଲା । ଏକ ସଙ୍ଗରେ ଶତାଧିକ ଜନସାଧାରଣ ଟୀକା ନେବା ପାଇଁ ଭିଡ ଜମାଇବାରୁ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ଏଥି ନିମନ୍ତେ ନାକେଦମ ହେବାକୁ ପଡିଥିଲା ।

## ଜଳ ନିଷ୍କାସନ ପଥ ବନ୍ଦ ଯୋଗୁଁ ଜମି ରହୁଛି ପାଣି, ଅସ୍ୱାସ୍ଥ୍ୟକର ପରିବେଶକୁ ନେଇ ଅସନ୍ତୋଷ

ଖଣ୍ଡପଡା:ଖଣ୍ଡପଡା ସହରର ଗଳିକନ୍ଦିରେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ ପଥ ବନ୍ଦ ଯୋଗୁଁ ବର୍ଷା ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ଏପରିକି ଅନେକ ଜାଗାରେ ବର୍ଷା ପାଣି ଘେରରେ ଜନସାଧାରଣ ରହୁଛନ୍ତି । ଖଣ୍ଡପଡା ସହରର ଜେଲରୋଡ ରାସ୍ତା ପାର୍ଶ୍ୱରେ ସ୍ଥାୟୀ ବାସଗୃହ ନିର୍ମାଣ କରି ରହୁଥିବା ଜନସାଧାରଣ ବର୍ଷା ଋତୁରେ ୪ମାସ କାଳ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି । ବର୍ଷା ପାଣି ମାସ ମାସ ଧରି ଜମି ରହୁଥିବାରୁ ଏହା ମଶା, ମାଛିଙ୍କ ବଂଶ ବୃଦ୍ଧିରେ ସହାୟକ ହେଉଛି। ଫଳରେ ମଶା, ମାଛିଙ୍କ ଦୌରାତ୍ମରେ ସ୍ଥାନୀୟ ବାସିନ୍ଦା ତ୍ରାହି ତ୍ରାହି ଡାକୁଛନ୍ତି । ଏ ସଂପର୍କରେ ଖଣ୍ଡପଡା ଏନଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସତ୍ୱେ ମଧ କୌଣସି ସୁଫଳ ମିଳୁ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏପରିକି ବର୍ଷା ଦିନ ପୂର୍ବରୁ ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବା ଦିଗରେ ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ନଦେଇ ଆଖିବୁଜି ଦେଇଥିବା ବେଳେ ଏବେ ସହରର ଗଳିକନ୍ଦି କିବା ମୁଖ୍ୟ ରାସ୍ତା ପାର୍ଶ୍ୱରେ ସାମାନ୍ୟ ବ୍ଲିଚିଂ ପାଉଡର ଟିକେ ପକାଇବା ପାଇଁ ମଧ ଏନଏସି କର୍ତ୍ତୃପକ୍ଷ ଆଗ୍ରହ ପ୍ରକାଶ ନକରିବା ପରିତାପର ବିଷୟ । ସାଂପ୍ରତିକ ପରିସ୍ଥିତିରେ ଦୂଷିତ ପରିବେଶକୁ ନେଇ ଡେଙ୍ଗୁ ରୋଗ ବ୍ୟାପିବା ଆଶଙ୍କାରେ ସହରବାସୀ ଆତଙ୍କିତ ହୋଇପଡିଛନ୍ତି । ଏଥିପ୍ରତି ଖଣ୍ଡପଡା ଏନଏସି କର୍ତ୍ତୃପକ୍ଷ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି । ବିଭିନ୍ନ ଇଲାକାରେ ଜମି ରହିଥିବା ବର୍ଷା ଜଳ ନିଷ୍କାସନ ସହ ମଶା ବଂଶ ଲୋପ ନିମନ୍ତେ ସହରର ଗଳି କନ୍ଦିରେ ମଶା ଧୂଆଁ ତୁରନ୍ତ ପ୍ରୟୋଗ କରିବାକୁ ସାଧାରଣରେ ଦାବି ହେଉଛି ।




ଯାଜପୁର ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରୀତମ ନାୟକଙ୍କୁ ସମ୍ବର୍ଦ୍ଧନା

## ବେଦାନ୍ତ ସହାୟତାପ୍ରାପ୍ତ ଛାତ୍ରଛାତ୍ରୀମାନେ ସିବିଏସଇ ବୋର୍ଡ଼ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି

**10TH STANDARD**



**Aryan Hotta (99.00%)**



**Prateesh Suna (99.00%)**



**Ayush Naik (92.20%)**

**12TH STANDARD**



**Nilesh Bansal (96.20%)**



**Soumya Ranjan Singh Deo (95.60%)**

ଭୁବନେଶ୍ୱର : ଭାରତର ଅଗ୍ରଣୀ ଆଲୁମିନିୟମ ଉତ୍ପାଦନକାରୀ ଓ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତକାରୀ ଝାରସୁଗୁଡ଼ା ଓ ଲାଂଜିଗଡ଼ ଠାରେ ବେଦାନ୍ତର ଶିକ୍ଷାଦିଗ ପ୍ରତି ପଦକ୍ଷେପ ଜରିଆରେ ଛାତ୍ରଛାତ୍ରୀମାନେ ସିବିଏସଇ ବୋର୍ଡ଼ ପରୀକ୍ଷା ୨୦୨୧ ରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଉଭୟ ୧୦ମ ଓ ୧୨ଶ ଶ୍ରେଣୀର ପରୀକ୍ଷାରେ ୧୦୦% ପାସ୍ ହାର ରହିଛି। ଡିଏଭି ବେଦାନ୍ତ ଇଂଟରନାସନାଲ୍ ସ୍କୁଲ୍ ଲାଂଜିଗଡ଼ ଓ ଡିଏଭି ପବ୍ଲିକ୍ ସ୍କୁଲ୍, ଝାରସୁଗୁଡ଼ାର ଛାତ୍ରଛାତ୍ରୀମାନେ ବେଦାନ୍ତ ଆଲୁମିନିୟମର ପ୍ରତିଶ୍ରୁତି ଅନୁସାରେ ସେମାନଙ୍କ ଶିକ୍ଷାର ଉତ୍କର୍ଷତା ପ୍ରତିପାଦନ କରିଛନ୍ତି। ଲାଂଜିଗଡ଼ର ଆରୟନ୍ ହୋତା ଓ ପ୍ରତିଶ୍ ସୁନା ୧୨ଶ ଶ୍ରେଣୀରେ ୯୯% ନମ୍ବର ରଖିଛନ୍ତି ଓ ନିଲେସ୍ ବଂଶଲ୍ ୯୬.୨୦% ରଖି ୧୦ମ ଶ୍ରେଣୀରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଝାରସୁଗୁଡ଼ାର ସୌମ୍ୟ ରନ ସିଂଦେଓ ୯୬.୫୨% ରଖି ୧୦ମ ଶ୍ରେଣୀରେ ଟପର୍ ହୋଇଛନ୍ତି ଏହା ବ୍ୟତୀତ ସମସ୍ତ ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ପାଇପାରିଛନ୍ତି। ଡିଏଭି ବେଦାନ୍ତ ଇଂଟରନାସନାଲ୍ ସ୍କୁଲ୍ ଲାଂଜିଗଡ଼ର ଦଶମ ଶ୍ରେଣୀରେ ପ୍ରଥମ ସ୍ଥାନ ଆର୍ୟନ ହୋତା ଓ ପ୍ରତିଶ୍ ସୁନା ୯୯% ରଖିଛନ୍ତି। ଦ୍ୱିତୀୟ ସ୍ଥାନରେ ବିକ୍ରମ ନାଏକ ୯୮.୮୦%, ତୃତୀୟ ସ୍ଥାନରେ ଅଙ୍କିତ ପଟେଲ୍ ୯୮.୨୦% ରଖିଥିବା ବେଳେ ଦ୍ୱାଦଶ ଶ୍ରେଣୀରେ ପ୍ରଥମ ସ୍ଥାନରେ ନିଲେଶ୍ ବଂଶଲ୍ ୯୬.୨୦%, ଦ୍ୱିତୀୟ ସ୍ଥାନରେ ଆକାଶ କୁମାର ସେଠୀ ୯୫.୬୦%, ତୃତୀୟ ସ୍ଥାନରେ ଲିପ୍‌ସା ପାତ୍ର ୯୩.୪୦% ରଖିଛନ୍ତି। ସେହିପରି ଡିଏଭି ପବ୍ଲିକ୍ ସ୍କୁଲ୍, ଝାରସୁଗୁଡ଼ାର ଦଶମ ଶ୍ରେଣୀ ପରୀକ୍ଷାର ପ୍ରଥମ ସ୍ଥାନରେ ରହିଛନ୍ତି ଆୟୁଷ ନାଏକ୍, ୯୨.୨% ଓ ଦ୍ୱିତୀୟ ସ୍ଥାନରେ ମୁସ୍କାନ ମିରି ୯୧% ନମ୍ବର ରଖିଛନ୍ତ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ପ୍ରଥମ ସ୍ଥାନରେ ସୌମ୍ୟ ରଂଜନ ସିଂଦେଓ ୯୬.୫୨% ଓ ଦ୍ୱିତୀୟ ସ୍ଥାନରେ ଦୀପାଳି ପୃଷ୍ଟି ୯୨.୪୮% ନମ୍ବର ରଖିଛନ୍ତି। ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ରାହୁଲ୍ ଶର୍ମା, ସିଇଓ, ବେଦାନ୍ତ ଆଲୁମିନା ବିଜନେସ୍ କହିଛନ୍ତି ଯେ ପିଲାମାନଙ୍କର ଏଭଳି ଅଭୂତପୂର୍ବ ସଫଳତା ଏହି ଅଂଚଳ ପାଇଁ ଏକ ଗୌରବର ବିଷୟ। ବେଦାନ୍ତ ଆଲୁମିନା ପରିବାର ପକ୍ଷରୁ ମୁଁ ସମସ୍ତ ଶିକ୍ଷାର୍ଥୀମାନଙ୍କୁ ଧନ୍ୟବାଦ ଜଣାଉଛି। ଏହି ଅଂଚଳରେ ଭବିଷ୍ୟତରେ ଶିକ୍ଷାର ବିକାଶ ହେବା ସହିତ ବହୁ ମେଧାବୀ ଛାତ୍ର ସୃଷ୍ଟି ହୋଇପାରିବେ ବୋଲି ଆମେ ଆଶା କରୁଛୁ। ଶ୍ରୀ ସଦାନନ୍ଦ ହୋତା, ଡିଏଭି ବେଦାନ୍ତ ଇଂଟରନାସନାଲ୍ ସ୍କୁଲ୍ ଲାଂଜିଗଡ଼ର ଅଧକ୍ଷ କହିଛନ୍ତି ଯେ ପିଲାମାନଙ୍କ ଏହି ସଫଳତା ପାଇଁ ମୁଁ ବହୁତ ଖୁସୀ। ଏଥିପାଇଁ ବେଦାନ୍ତକୁ ମଧ ମୁଁ ଧନ୍ୟବାଦ ଦେବାକୁ ଚାହିଁବି ଯେ ସେହି ସ୍କୁଲ ପ୍ରତି ବହୁ ଅବଦାନ ଯୋଗାଇଛନ୍ତି ଯଦ୍ୱାରା ପିଲାମାନଙ୍କ ଭିତରେ ନୂତନ ସମ୍ଭାବନା ଦେଖିବାକୁ ମିଳିଛି। ବେଦାନ୍ତର ସାମାଜିକ ପଦକ୍ଷେପ ଗୁଡ଼ିକ ମଧରେ ଗୁଣମାନର ଶିକ୍ଷା, ସ୍ଥାୟୀ ଜୀବିକା ନିର୍ବାହ, ମହିଳା ସଶକ୍ତିକରଣ, ସ୍ୱାସ୍ଥ୍ୟ, ପାଣି ଓ ପରିମଳ ସୁବିଧା ପ୍ରଦାନ ଝାରସୁଗୁଡ଼ା ଓ ଲାଂଜିଗଡ଼ର ୧୩୯ ଟିରୁ ଅଧିକ ଗ୍ରାମରେ ପ୍ରଦାନ କରାଯାଇଛି। ପ୍ରତି ବର୍ଷ ୧ ଲକ୍ଷରୁ ଅଧିକ ଲୋକ ଉପକାର ପାଉଛନ୍ତି। ଏହା ୯୨୦୦ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହାୟତା ସହିତ ୬୪୦ ଏସଏଚଜିର ୭୦୦୦ ରୁ ଅଧିକ ମହିଳାମାନଙ୍କୁ ସ୍ୱାବଲମ୍ବି କରାଇବାରେ ସହଯୋଗ ପ୍ରଦାନ କରିଛି। ବର୍ଷକୁ ପ୍ରାୟ ୩୨୦୦୦ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ସହିତ ଗୋଷ୍ଠୀ ସ୍ତରରେ ସ୍ଥାନୀୟଙ୍କ ସହିତ ୧.୫ ଲକ୍ଷରୁ ଅଧିକ ବୃକ୍ଷରୋପଣ କାର୍ଯ୍ୟରେ ଭାଗ ନେଇଛି। ବେଦାନ୍ତ ଆଲୁମିନିୟମ ବ୍ୟବସାୟ ବେଦାନ୍ତ ଲିମିଟେଡର ଏକ ଡିଭିଜନ ଭାବରେ ଭାରତର ଅଗ୍ରଣୀ ଆଲୁମିନିୟମ ନିର୍ମାତା ଓ ଏହା ଭାରତର ଅର୍ଦ୍ଧେକ ଆଲୁମିନିୟମ ଉତ୍ପାଦନକାରୀ ଅର୍ଥାତ୍ ଆର୍ଥିକ ବର୍ଷ ୨୦୨୧ ରେ ୧.୯୬ ନିୟୁତ ଟନ୍ ଉତ୍ପାଦନ କରିଛି। ଏହାର ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦ ପ୍ରସ୍ତୁତିରେ ଅଗ୍ରଣୀ ଭୂମିକା ରହିଛି।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray